OFSDP

# ମାର୍ଗ ନିର୍ଦ୍ଦେଶିକା

## ପ୍ରାକୃତିକ ଜଙ୍ଗଲର ପୁନର୍ଜନନ ସହାୟକ (ଏଏନ୍ଆର୍)
## ଅଞ୍ଚଳରେ ଖାଦ୍ୟ ଓ ଜୀବିକା ବନର ପୁନର୍ଜନନ
## ସହାୟକ ବନ ବର୍ଦ୍ଧନ (ପାତଳୀକରଣ ସହିତ)
## ଏବଂ ମୃତ୍ତିକା ଓ ଜଳ ସଂରକ୍ଷଣ କାର୍ଯ୍ୟକ୍ରମ

ଯୁଗ୍ମ ବନ ପରିଚାଳନା (ଜେ.ଏଫ୍.ଏମ୍) ଅନ୍ତର୍ଗତ ଜଙ୍ଗଲର

ସବୁଦିନିଆ ପରିଚାଳନା ପାଇଁ ଏକ ଏକତ୍ରୀକରଣ ପଦକ୍ଷେପ

ଜାନୁୟାରୀ ୨୦୧୩

ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ

ଭୁବନେଶ୍ୱର

# ସୂଚୀ

୧. ପ୍ରଚ୍ଛଦ ପ୍ରସଙ୍ଗ

୨. ଆନୁଷ୍ଠାନିକ ବ୍ୟବସ୍ଥା

୩. ଗ୍ରୀଡ ପଦଯାତ୍ରା/କାର୍ଯ୍ୟକ୍ରମ ପାଇଁ ଯୋଜନା

୪. ଗ୍ରୀଡ ମୂଲ୍ୟାୟନ ପରିଚାଳନା

୫. ସ୍ଥାନୀୟ ପରିବେଶ ଜ୍ଞାନ ଜଙ୍ଗଲ ପ୍ରଜାତି ସମ୍ପର୍କରେ ଦଲିଲକରଣ

୬. ଜଳ ମୃତ୍ତିକା ସଂରକ୍ଷଣ ଉପଚାର/ପାତଳୀକରଣ ପାଇଁ ଗ୍ରୀଡ ମନୋନୟନ

୭. ମଧ୍ୟବର୍ତ୍ତୀ ବୃକ୍ଷରୋପଣ ପାଇଁ ବୃକ୍ଷ ପ୍ରଜାତି ମନୋନୟନ

## ୧. ପ୍ରଚ୍ଛଦ ପ୍ରସଙ୍ଗ

ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପରେ ଏକତ୍ରୀକରଣ କାଳରେ ପୁର୍ନଜନନ ସହାୟକ କାର୍ଯ୍ୟ କରାଯାଇଥିବା ପ୍ରାକୃତିକ ଜଙ୍ଗଲରେ (ANR) ଖାଦ୍ୟ ଏବଂ ରୋଜଗାର ପାଇଁ ଗ୍ରାମବାସୀ ମାନଙ୍କ ଦ୍ୱାରା ବ୍ୟବହାର କରାଯାଉଥିବା ବିଭିନ୍ନ ଉଦ୍ଭିଦର ପୁର୍ନଜନନ କୁ ଗୁରୁତ୍ୱ ଏବଂ ପ୍ରୋତ୍ସାହନ ଦିଆଯିବ। ପୁର୍ନଜନନ ସହାୟକ କାର୍ଯ୍ୟ କରାଯାଇଥିବା ଅଞ୍ଚଳରେ ଗଛ ମାନଙ୍କର ତଳ ସ୍ଥାନରେ ଏବଂ ଫାଙ୍କା ଜାଗାରେ ସ୍ୱଳ୍ପ ସମୟରେ ଖାଦ୍ୟ ଏବଂ ରୋଜଗାର ଦେଇପାରୁଥିବା ଔଷଧୀୟ ଗୁଳ୍ମ, ଓହଳ (ଲତା), ଜଙ୍ଗଲି କନ୍ଦା, ବୁଦା ଇତ୍ୟାଦିର ରୋପଣ ଏବଂ ପୁର୍ନଜନନ, ଜଙ୍ଗଲ-ନିର୍ଭରଶୀଳ ପରିବାରର ବ୍ୟକ୍ତି ବିଶେଷଙ୍କୁ ନେଇ ଗଠିତ ଏସ୍‌ଏଚ୍‌ଜି କିମ୍ବା ସି.ଆଇ.ଜି ଦ୍ୱାରା କରାଯିବ। ଏହି କାର୍ଯ୍ୟକ୍ରମକୁ 'ଖାଦ୍ୟ ଜୀବିକା ବନର ପୁର୍ନଜନନ କାର୍ଯ୍ୟକ୍ରମ' କୁହାଯିବ। ଏହା ହାରାହାରି ପ୍ରତି ଭି.ଏସ୍.ଏସ୍ ରେ ୩୨ ହେକ୍ଟର (୮୦ ଏକର) ବା ୮ଟି ଗ୍ରୀଡରେ କରିବାକୁ ଭି.ଏସ୍.ଏସ୍ ଦ୍ୱାରା ସହାୟତା ଦିଆଯିବ। ଅନ୍ୟାନ୍ୟ ଜଙ୍ଗଲ ଉପଚାର କାର୍ଯ୍ୟକ୍ରମ ଦ୍ୱାରା କରାଯାଇଥିବା ବୃକ୍ଷରୋପଣ ସହିତ, ଏହି ଉଦ୍ଭିଦ ମାନଙ୍କର ରୋପଣ ଓ ପୁର୍ନଜନନ ଜଙ୍ଗଲର ଜୈବ ବିବିଧତା ବଢାଇବା ସହିତ, ଜଙ୍ଗଲ ଉପରେ ନିର୍ଭରଶୀଳ ପରିବାରମାନଙ୍କର ଖାଦ୍ୟ ଏବଂ ପୋଷକତତ୍ତ୍ୱ ନିରାପତ୍ତା ଏବଂ ଜୀବିକାର ଉନ୍ନତିରେ ସହାୟତା କରିବ।

ଏକତ୍ରୀକରଣ କାଳରେ ଗ୍ରାମବାସୀ ମାନଙ୍କୁ ତଥା ଭି.ଏସ୍.ଏସ୍ ର ମଧ୍ୟବର୍ତ୍ତୀ ଆୟର ସୁଯୋଗ ଦେବା ସହିତ ଜଙ୍ଗଲର ଉପଯୁକ୍ତ ବର୍ଦ୍ଧନ ଏବଂ ଜୈବ ବିବିଧତା ବିକାଶ ପାଇଁ, ଏହାର ଘଞ୍ଚତାର ପାତଳୀକରଣ କୁ ମଧ୍ୟ ଗୁରୁତ୍ୱ ତଥା ପ୍ରୋତ୍ସାହନ ଦିଆଯିବ। ଜଙ୍ଗଲଜାତ ପଦାର୍ଥର ମାନବୃଦ୍ଧି, ଜୀବିକା-ଉପଯୋଗୀ ଜୈବ ବିବିଧତାର ବିକାଶ, ତଥା ଜଙ୍ଗଲର ପାରିସଂସ୍ଥିକ ସେବାର ଉନ୍ନତି ନିମନ୍ତେ ଗହଳିଆ ଭାବେ ବଢୁଥିବା କମ୍ ବୟସର ଗଛମାନଙ୍କର ପାତଳୀକରଣ ତଥା ଅନ୍ୟାନ୍ୟ ସହାୟକ ବନବର୍ଦ୍ଧନ କାର୍ଯ୍ୟ, ଏହି କାର୍ଯ୍ୟକ୍ରମ ଦ୍ୱାରା କରାଯିବ। ଗହଳିଆ ବୃକ୍ଷ ବା ଅଧିକ ଛାୟା-ସାନ୍ଦ୍ରତା ଥିବା ଗ୍ରୀଡ ଗୁଡିକ କେବଳ ପାତଳୀକରଣ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯିବ ଏବଂ ଏହି ଗ୍ରୀଡ ମାନଙ୍କୁ 'ଖାଦ୍ୟ ଓ ଜୀବିକା ବନ' ର କାର୍ଯ୍ୟକ୍ରମରୁ ବାଦ୍ ଦିଆଯିବ ।

ଭିଏସ୍‌ଏସ୍ ର ଜଙ୍ଗଲ ମଧ୍ୟରେ ଥିବା ପ୍ରମୁଖ ନାଳ ଗୁଡିକର ସମ୍ପୂର୍ଣ୍ଣ ଉପଚାର (ପଥର ଏବଂ ସବୁଜ ବନ୍ଧ ଦ୍ୱାରା) ତଥା ଗଡାଣିଆ/ମୃତ୍ତିକା ଅବକ୍ଷୟ ହେଉଥିବା ଅଞ୍ଚଳର ସମପତନ ବା ଷ୍ଟାଗାର୍ଡ ବନ୍ଧ (ସବୁଜ/ପଥର/ମାଟିବନ୍ଧ) ବା ଖାଇ ଦ୍ୱାରା ଉପଚାରକୁ ମଧ୍ୟ ଏକତ୍ରୀକରଣ କାଳରେ ଗୁରୁତ୍ୱ ତଥା ପ୍ରୋତ୍ସାହନ ଦିଆଯିବ। ଆବଶ୍ୟକ ମୁତାବକ ମୃତ୍ତିକା ଜଳ ସଂରକ୍ଷଣ କାର୍ଯ୍ୟ ପାଇଁ ପୁର୍ନଜନନ କରାଯିବା ସହିତ ଭିଏସ୍‌ଏସ୍ ଦ୍ୱାରା ଚିହ୍ନିତ ଗୋଷ୍ଠୀ ଦ୍ୱାରା ଏହି କାର୍ଯ୍ୟ ପାଳନ କରାଯିବ। ହାରାହାରି ପ୍ରତି ଭିଏସ୍‌ଏସ୍‌କୁ ଏହିକାର୍ଯ୍ୟ କରିବା ପାଇଁ ୭୫୦ ଶ୍ରମ ଦିବସ ଦିଆଯିବାର ବ୍ୟବସ୍ଥା ଅଛି।

## ୨. ଆନୁଷ୍ଠାନିକ ବ୍ୟବସ୍ଥା

କ. ଖାଦ୍ୟ ଓ ଜୀବିକା ବନ ରୋପଣ କାର୍ଯ୍ୟକ୍ରମ ଜଙ୍ଗଲ ଉପରେ ନିର୍ଭରଶୀଳ ପରିବାରର ବ୍ୟକ୍ତି ବିଶେଷଙ୍କ ଦ୍ୱାରା ଗଠିତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ କିମ୍ବା ଏସ୍‌ଏଚ୍‌ଜି, ସିଆଇଜି (ପୁରୁଷ/ମହିଳା, ମହିଳାଙ୍କୁ ଅଗ୍ରାଧିକାର) ଦ୍ୱାରା କରାଯିବ। ଜଳ ମୃତ୍ତିକା ସଂରକ୍ଷଣ କାର୍ଯ୍ୟକ୍ରମ ଶ୍ରମ ଗୋଷ୍ଠୀ ଦ୍ୱାରା ଓ ଯେଉଁଠାରେ ଆବଶ୍ୟକ ସେଠାରେ ପାତଳୀକରଣ କାର୍ଯ୍ୟ ଭଏସଏସ କାର୍ଯ୍ୟକାରିଣୀ କମିଟି ଦ୍ୱାରା ସିଧାସଳଖ କରାଯିବ।

ଖ. ଏହି ଗୋଷ୍ଠୀଗୁଡିକ (ସ୍ୱୟଂସହାୟକ ଗୋଷ୍ଠୀ/ସିଆଇଜି ଗୋଷ୍ଠୀ/ଶ୍ରମ ଗୋଷ୍ଠୀ) ଅଣୁଯୋଜନା ପୁନଃ ପରିଦର୍ଶନ ପ୍ରକ୍ରିୟା ଆରମ୍ଭ ସମୟରେ ଭିଏସଏସ ସାଧାରଣ ପରିଷଦ ବୈଠକରେ ମନୋନୀତ ହେବେ। ସେମାନେ ଭିଏସ୍‌ଏସ୍ ତତ୍ତ୍ୱାବଧାନରେ ତଥା ପ୍ରକଳ୍ପ ଅଂଶୀଦାରଙ୍କ ପ୍ରୋତ୍ସାହନରେ ଏହି କାର୍ଯ୍ୟ ସବୁ କରିବାକୁ ଇଚ୍ଛୁକ ଥିବେ। ଏହି କାର୍ଯ୍ୟ ୨୦୧୩-୧୪ ଓ ୨୦୧୪-୧୫ ଏବଂ ବର୍ଷର ନିର୍ଦ୍ଦିଷ୍ଟ ହୋଇଥିବା ଉପଚାର ଯୋଜନାର ସମୟ ସାରଣୀ ଅନୁସାରେ ହିଁ କରାଯିବ। କାର୍ଯ୍ୟକ୍ରମ ରୂପାୟନରେ ସମୟସାରଣୀର ନିର୍ଦ୍ଧାରିତ ସମୟଠାରୁ ବିଳମ୍ବ ହେଲେ ଓଏଫଏସଡିପିର ସହାୟତା ନ ମିଳିପାରେ।

ଗ. ଭିଏସଏସର ସାଧାରଣ ସଭା ବୈଠକରେ ପ୍ରତି କାର୍ଯ୍ୟକ୍ରମ (ଖାଦ୍ୟ ଓ ଜୀବିକା ବନରେ ରୋପଣ, ପାତଳୀକରଣ, ମୃତ୍ତିକା ଓ ଜଳ ସଂରକ୍ଷଣ) ପାଇଁ ଭିଏସ୍ଏସ୍‌ରେ ଥିବା ଟ୍ରିଟ୍‌ମେଣ୍ଟ ମ୍ୟାପ, ଜଙ୍ଗଲ- ସବିଶେଷ ବିବରଣୀ, ପୁନର୍ଜନନ ସହାୟକ କାର୍ଯ୍ୟକ୍ରମ (ଏଏନଆର) ଅଞ୍ଚଳର ବିଶ୍ଳେଷଣ କରାଯାଇ ହାରାହାରି ଅଞ୍ଚଳ (ନାମ ଓ କେତେ ସଂଖ୍ୟକ ଗ୍ରୀଡ ଦର୍ଶାଇ) ଚିହ୍ନିତ କରାଯିବ । ଜଙ୍ଗଲ ଉପଚାର ମ୍ୟାପରେ ଏହି ଅଞ୍ଚଳ (ପେନ୍‌ସିଲ୍‌ରେ) ଚିହ୍ନଟ କରାଯିବ ।

ଘ. ପୁନର୍ଜନନ ଖାଦ୍ୟ ଓ ଜୀବିକା ବନର ପୁର୍ନଜନନ, ନାଳ ଓ ମୃତ୍ତିକା ଅବକ୍ଷୟ ଅଞ୍ଚଳରେ ଜଳ ମୃତ୍ତିକା ସଂରକ୍ଷଣ ପାଇଁ କେଉଁ ପ୍ରଜାତିର ଚାରା ରୋପଣ ହେବ ବା କାର୍ଯ୍ୟ କରାଯିବ ତାହାର ଏକ ସମ୍ଭାବ୍ୟ ତାଲିକା ସାଧାରଣ ସଭାରେ ଉପସ୍ଥାପନ କରାଯିବ । ଅଣୁଯୋଜନା ପୁନଃଦର୍ଶନର ତୃତୀୟ ସପ୍ତାହରେ ଗ୍ରୀଡ ପଦଯାତ୍ରା କରିବା ପରେ ଏସବୁ କାର୍ଯ୍ୟ ପାଇଁ ଗ୍ରୀଡ, ଉଭିଦ ପ୍ରଜାତି ତଥା ମୃତ୍ତିକା ସଂରକ୍ଷଣ କାର୍ଯ୍ୟ ଅନ୍ତିମ ଚୟନ କରାଯିବ ।

ଙ. ଗ୍ରାମର ପରିସ୍ଥିତି ଅନୁସାରେ ଖାଦ୍ୟ ଓ ଜୀବିକା ବନ ପୁର୍ନଜନନ, ଜଳ ମୃତ୍ତିକା ସଂରକ୍ଷଣ ଉପଚାର ଏବଂ ପାତଳୀକରଣ କାର୍ଯ୍ୟକୁ ଭିଏସ୍ଏସ୍ ଗୋଟିଏ କିମ୍ବା ତା ଠାରୁ ଅଧିକ ଏସ୍ଏଚ୍‌ଜି/ସିଆଇଜି ଓ ଶ୍ରମ ଗୋଷ୍ଠୀକୁ ପ୍ରଦାନ କରିପାରିବ । ତେବେ ଏହାର କାରଣ ସମ୍ପର୍କରେ ପ୍ରସ୍ତାବରେ ଉଲ୍ଲେଖ କରାଯିବ।

ଚ. ଗ୍ରୀଡ ନିର୍ଣ୍ଣୟ କରିବାକୁ କେଉଁ ପ୍ରକ୍ରିୟା ଗ୍ରହଣ କରାଯିବା, କେଉଁ ଗ୍ରୀଡରେ ପାତଳୀକରଣ କରାଯିବା, ଖାଦ୍ୟ ଓ ଜୀବିକା ବନରେ ଚାରାରୋପଣ କରାଯିବ, କେଉଁଠାରେ ଜଳ ମୃତ୍ତିକା ସଂରକ୍ଷଣ ଉପଚାର ଓ କି ପ୍ରକାର ଉପଚାର କରାଯିବ ଏବଂ କେଉଁ ପ୍ରଜାତିର ଚାରା ରୋପଣ କରାଯିବ ସେ ସଂକ୍ରାନ୍ତ ଯୋଜନାର ବିକାଶ କରିବାକୁ ଏହି ନିର୍ଦ୍ଦେଶନାମାର ୩ୟ ବିଭାଗରେ ଉଲ୍ଲେଖ ରହିଛି।

ଛ. ଏହି ବ୍ୟବସ୍ଥା ସୁଗମ କରିବାକୁ ସ୍ୱୟଂ ସହାୟକ ଗୋଷ୍ଠୀ ସଭ୍ୟାମାନଙ୍କୁ ଆବଶ୍ୟକ ତାଲିମ ଓ ଦକ୍ଷତା ବୃଦ୍ଧି ସହାୟକ ସଂସ୍ଥା ଦ୍ୱାରା ଏବଂ ତାଲିମ ପ୍ରାପ୍ତ ପ୍ରୋତ୍ସାହନକାରୀ (ଗ୍ରାମ୍ୟ ବନ ସହାୟକ, ସଭ୍ୟ ସଚିବ/ବନପାଳ ଏବଂ ସହଯୋଗୀ ବେସରକାରୀ ସଙ୍ଗଠନ)ଙ୍କ ସହାୟତା ଯୋଗାଇ ଦିଆଯିବ । ପ୍ରକଳ୍ପ ମଧ୍ୟ ସମ୍ପୃକ୍ତ ବିଷୟରେ ଆବଶ୍ୟକ ଜ୍ଞାନ, କୌଶଳ ଓ ସମ୍ପଦ (ଯଥା ଉଚ୍ଚମାନ ଚାରାରୋପଣ ଉପକରଣ ଓ ଜଳ ମୃତ୍ତିକା ସଂରକ୍ଷଣ ଉପଚାର ପାଇଁ ମାର୍ଗଦର୍ଶନ) ଥିବା ସଂସ୍ଥା ସହ ସହଭାଗିତା କରିପାରିବ। ସହଯୋଗୀ ବେସରକାରୀ ସଙ୍ଗଠନ, କ୍ଷେତ୍ର ପରିଚାଳନା କେନ୍ଦ୍ର/ଖଣ୍ଡୀୟ ପରିଚାଳନା କେନ୍ଦ୍ରଗୁଡିକ ମଧ୍ୟ ଏଭଳି ସୁଯୋଗ ଖୋଜିବା ସହ ଖଣ୍ଡୀୟ ପରିଚାଳନା କେନ୍ଦ୍ର ଓ କ୍ଷେତ୍ର ପରିଚାଳନା କେନ୍ଦ୍ରସ୍ତରରେ ତାହା ସ୍ଥିର କରିପାରିବେ।

ଜ. ଉପଚାର କାର୍ଯ୍ୟକାରୀ ହେବା ପୂର୍ବରୁ ଯୋଜନା ଭିଏସଏସର ସାଧାରଣ ପରିଷଦ ବୈଠକ (ଅଣୁ ଯୋଜନା ପ୍ରକ୍ରିୟାର ଶେଷରେ ଅନୁଷ୍ଠିତ ହେବାକୁ ଥିବା ସାଧାରଣ ପରିଷଦ ବୈଠକ-୨) ରେ ଅନୁମୋଦିତ ହେବା ଆବଶ୍ୟକ। ଅଣୁଯୋଜନା ପ୍ରକ୍ରିୟା ଅନୁସାରେ ଅଣୁଯୋଜନା ଦ୍ୱିତୀୟ ଭାଗ ସାଧାରଣ ପରିଷଦ ଦ୍ୱାରା ପ୍ରସ୍ତାବରେ ଗୃହୀତ ଓ କାର୍ଯ୍ୟକାରୀ ହେବା ପୂର୍ବରୁ ଭିଏସ୍ଏସ୍‌ର କାର୍ଯ୍ୟକାରିଣୀ, କ୍ଷେତ୍ର ପରିଚାଳନା କେନ୍ଦ୍ର ମୁଖ୍ୟଙ୍କ ସହମତି ନେଇ ଯୋଜନାର ପରୀକ୍ଷାନିରୀକ୍ଷା ଓ ସମ୍ମତି ପାଇଁ ତାହାକୁ ତାଙ୍କ ନିକଟକୁ ପଠାଇବେ।

ଝ. ଯୋଜନା ଅନୁସାରେ ଭିଏସ୍ଏସ୍ ଆବଶ୍ୟକ ଅର୍ଥକୁ କିସ୍ତି ଭିତ୍ତିରେ ଏସ୍ଏଚ୍‌ଜି/ସିଆଇଜି/ଶ୍ରମ ଗୋଷ୍ଠୀକୁ ପ୍ରଦାନ କରିବ (ଜଳ ମୃତ୍ତିକା ସଂରକ୍ଷଣ ଉପଚାର, ଚାରା ଉତ୍ପାଦନକେନ୍ଦ୍ର / ଉଚ୍ଚମାନର ଚାରାରୋପଣ ଉପକରଣ ସଂଗ୍ରହ, ଚାରାରୋପଣ, ଯତ୍ନ ନେବା ପାଇଁ) ଏହି କାର୍ଯ୍ୟକୁ ତଦାରଖ କରିବାକୁ କାର୍ଯ୍ୟକାରିଣୀ କମିଟି ମଧ୍ୟରେ ଏକ ଉପ କମିଟି ଗଠନ କରିବ । ସ୍ୱୟଂ ସହାୟକ ଗୋଷ୍ଠୀ ନିଜ ଅର୍ଥ ହିସାବ ଖାତାରେ ଟଙ୍କାର ହିସାବ ରଖିବେ ଓ ଖର୍ଚ୍ଚ ସମ୍ବନ୍ଧୀୟ ସମସ୍ତ ରସିଦ ରଖିବେ। ସିଆଇଜି/ଶ୍ରମ ଗୋଷ୍ଠୀ ସମସ୍ତ ରସିଦ ରଖିବେ। ସମସ୍ତ ଦେଣନେଣ, କାର୍ଯ୍ୟ ଓ ନିଷ୍ପତ୍ତି ଏସଏଚଜି ପ୍ରସ୍ତାବ ପୁସ୍ତିକାରେ ବେସରକାରୀ ସଙ୍ଗଠନ ଏବଂ ଗ୍ରାମ୍ୟ ବନ ସହାୟକଙ୍କ ସହାୟତାର ଲିପିବଦ୍ଧ ହେବ। ଭିଏସ୍ଏସ୍ ଏହି ଖାତାପତ୍ର ତଦାରଖ କରିବା କ୍ଷମତା ରଖୁଛି ମାତ୍ର ସେଥିପାଇଁ ଏକ ନୋଟିସ୍ ଦେବାକୁ ପଡିବ। ଏସ୍ଏଚ୍‌ଜି ଦ୍ୱାରା କାର୍ଯ୍ୟ ସମାପ୍ତ ହେବା ପରେ ଓ କାର୍ଯ୍ୟକାରିଣି କମିଟିର ଉପକମିଟି ଦ୍ୱାରା କାର୍ଯ୍ୟ ତଦାରଖ କରାଯିବା ପରେ ଟଙ୍କା ଦେଣନେଣର ସମସ୍ତ ହିସାବ କିତାବ, ଖର୍ଚ୍ଚର ରସିଦ ଭିଏସ୍ଏସ୍‌ର ରେକର୍ଡରେ ରଖାଯିବା ପାଇଁ ଭିଏସଏସର କୋଷାଧ୍ୟକ୍ଷଙ୍କୁ ପ୍ରଦାନ କରାଯିବ।

ଞ. ଜଳ ମୃତ୍ତିକା ସଂରକ୍ଷଣ ଉପଚାର ପାଇଁ ଜିପିଏସ ରିଡିଂ ନିଆଯିବ (ସଭ୍ୟ ସଚିବ ଏଥିରେ ସହଯୋଗ କରିବେ) ଓ ତାହା ଉପଚାର ମ୍ୟାପରେ ଦର୍ଶାଯିବ।

ଟ. ପାତଳୀକରଣ, ଚିହ୍ନଟ ଓ ଗଛ କଟା କାର୍ଯ୍ୟକ୍ରମକୁ କ୍ଷେତ୍ର ପରିଚାଳନା କେନ୍ଦ୍ର ମୁଖ୍ୟ ପ୍ରତ୍ୟକ୍ଷଭାବେ ମାର୍ଗଦର୍ଶନ କରାଇବେ ଓ ଭିଏସ୍‌ଏସ୍ ଦ୍ୱାରା କାର୍ଯ୍ୟକାରିତାର କ୍ଷେତ୍ର ତଦାରଖ ତାଲିମପ୍ରାପ୍ତ ବନରକ୍ଷୀ ଓ ବନପାଳଙ୍କ ଦ୍ୱାରା ସଂଯୋଜନ-୩ରେ ଦର୍ଶାଯାଇଥିବା ଧାରା ଅନୁସାରେ କରାଇବେ।

ଠ. ଖାଦ୍ୟ ଓ ଜୀବିକା ବନର ପୁର୍ନଜନନ ତଥା ଚାରା ରୋପଣ ପାଇଁ ରୋପଣ ସାମଗ୍ରୀ ସ୍ଥାନୀୟ ଅଞ୍ଚଳରୁ ପ୍ରୋତ୍ସାହନକାରୀ ସଂସ୍ଥା ମାଧ୍ୟମରେ ସଂଗ୍ରହ କରାଯାଇପାରିବ। ରୋପଣ ପାଇଁ ଚାରା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଭ୍ୟା ଉତ୍ପାଦନ କରିପାରିବେ। ଏସଏଚଜି ମଞ୍ଜି ପୋତିବା, ବୁଣିବା, ମାଟି ତଳେ ଫଳୁଥିବା କନ୍ଦା ଓ ଓହଳ ଆଦି ପୋତିବା (କାଟିବା, ତଳି କରିବା) ଆଦି ନିଜ ସୁବିଧା ମୁତାବକ ଦର୍ଶାଯାଇଥିବା ନୀତି ଅନୁସାରେ କିମ୍ବା ପାରମ୍ପରିକ ପରିବେଶୀୟ ଜ୍ଞାନ ଯାହା ପୂର୍ବରୁ ଲିପିବଦ୍ଧ ହୋଇଛି ସେହି ଅନୁସାରେ କରିବେ। ଗଛମାନଙ୍କ ମଧ୍ୟରେ ଥିବା ଖୋଲାସ୍ଥାନ ବା ଛାଇ ତଳେ ବଢି ପାରୁଥିବା ପ୍ରଜାତିର ଚାରା ହିଁ ବିକ୍ଷିପ୍ତଭାବେ ରୋପଣ କରାଯିବ।

ଡ. ରୋପିତ ହୋଇଥିବା ଚାରାର ଆବଶ୍ୟକ ଟେଣ୍ଡିଂ ଅପରେସନ (ରକ୍ଷଣା ବେକ୍ଷଣ କାର୍ଯ୍ୟ)ଏସ୍‌ଏଚ୍‌ଜି/ସିଆଇଜି ଦ୍ୱାରା କରାଯିବ।

ଢ. ଖାଦ୍ୟ ଓ ଜୀବିକା ବନରୁ ନିର୍ଦ୍ଦିଷ୍ଟ ଭିଏସ୍‌ଏସ୍ ପରାମର୍ଶରେ ଓ ପୂର୍ବ ପ୍ରସ୍ତୁତ ଯୋଜନା ମୁତାବକ ଏସଏଚଜି/ସିଆଇଜି ଦ୍ୱାରା ଅମଳ କରାଯାଇପାରିବ। ଭିଏସ୍‌ଏସ୍ ଏହି ସଂଗ୍ରହ ଉପରେ ଏସଏଚଜି ସହ ପରାମର୍ଶ କରି ଅଳ୍ପ ମାତ୍ରାରେ ବ୍ୟବହାରକାରୀ ପାଉଣା ସ୍ଥିର କରିପାରିବ। ଏହି ଅର୍ଥ ଭିଏଫ୍‌ଡିଏଫ୍ (ଗ୍ରାମ୍ୟ ବନ ଉନ୍ନୟନ ପାଣ୍ଠି)ରେ ଜମା କରାଯିବ।

ଣ. ସମସ୍ତ ଶ୍ରମ କାର୍ଯ୍ୟ ଏସଏଚଜି/ସିଆଇଜି/ଶ୍ରମ ଗୋଷ୍ଠୀ ସଭ୍ୟଙ୍କ ଦ୍ୱାରା କରାଯିବ। ଯଦି ଅନ୍ୟ କୌଣସି ଶ୍ରମିକ ଲାଗୁଛନ୍ତି ତେବେ ଏସଏଚଜି ଯଥାଯଥ କାରଣ ଦର୍ଶାଇ ପ୍ରସ୍ତାବ ପାସ୍ କରାଇବ ଓ ତାହାକୁ ଭିଏସ୍‌ଏସ୍ କାର୍ଯ୍ୟକାରିଣୀ କମିଟି ଦ୍ୱାରା ଅନୁମୋଦିତ କରାଇବ।

ତ. ଏହି ପ୍ରକ୍ରିୟାକୁ ଖଣ୍ଡୀୟ ପରିଚାଳନା କେନ୍ଦ୍ର ମୁଖ୍ୟଙ୍କ ଦ୍ୱାରା ମନୋନୀତ ଦଳ ମୁଖ୍ୟତଃ ସହକାରୀ ଖଣ୍ଡୀୟ ପରିଚାଳନା କେନ୍ଦ୍ର ମୁଖ୍ୟଙ୍କ ନେତୃତ୍ୱରେ ଗଠିତ ଦଳ ଯାଞ୍ଚ ଓ ତଦାରଖ କରିବେ। ଏଫଇଏସ (ଏଫ୍‌ଏମ୍‌ୟୁ), ଏଫ୍‌ଇଏସ୍ (ଏମ୍‌ପି/ଏଫ୍‌ଟି) ଏଫ୍‌ଏଲ୍‌ଇ ଓ ସେହି ଏଫ୍‌ଏମ୍‌ୟୁ ମୁଖ୍ୟ ଏହି ଦଳରେ ସଦସ୍ୟ ରହିବେ।

## ୩. ଗ୍ରୀଡ ପଦଯାତ୍ରା/କାର୍ଯ୍ୟକ୍ରମ ପାଇଁ ଯୋଜନା

ଯେହେତୁ ଯୋଜନା ପ୍ରସ୍ତୁତି କାର୍ଯ୍ୟ ସମସ୍ତ ଜଙ୍ଗଲ ଅଞ୍ଚଳରେ ପଦଯାତ୍ରା ମାଧମରେ କରାଯିବ ତେଣୁ ସେହି ସମୟରେ ଅଞ୍ଚଳର ଜଙ୍ଗଲ ଉପଚାର ଯାହା ପୂର୍ବରୁ କରାଯାଇଛି ତାହାର ମୂଲ୍ୟାୟନ ଓ ପାତଳୀକରଣ ଏବଂ ଜଳ ଓ ମୃତ୍ତିକା ସଂରକ୍ଷଣ କାର୍ଯ୍ୟକ୍ରମ ସମେତ ବନବର୍ଦ୍ଧନ କାର୍ଯ୍ୟକ୍ରମ ଆଦି ଏହି କାର୍ଯ୍ୟପନ୍ଥା ଦ୍ୱାରା ସ୍ଥିର କରାଯିବ।

- ଛଅ ଜଣ ଲେଖାଏଁ ସଭ୍ୟଙ୍କୁ ନେଇ ଦୁଇଟି ଦଳ ଗଠନ କରାଯିବ। ସେମାନେ ଜଙ୍ଗଲ ଅଞ୍ଚଳ ଓ ପ୍ରଜାତି ସମ୍ପର୍କରେ ଭଲଭାବେ ଜାଣିଥିବା ଦରକାର।
- **ଦଳ-୧** ମନୋନୀତ ଏସଏଚଜି/ସିଆଇଜି/ଶ୍ରମ ଗୋଷ୍ଠୀର ତିନି ଜଣ ସଭ୍ୟ + ସଭ୍ୟ ସଚିବ/ବନପାଳ + ଗ୍ରାମ୍ୟ ବନ ସହାୟକ + ଜଣେ କାର୍ଯ୍ୟକାରିଣି କମିଟି ସଭ୍ୟ (ଯିଏକି ଜଳ ମୃତ୍ତିକା ସଂରକ୍ଷଣ କାର୍ଯ୍ୟକ୍ରମ ଓ ସହାୟକ ବନ ବର୍ଦ୍ଧନ କାର୍ଯ୍ୟକ୍ରମରେ ପରେ ସାମିଲ ହେବେ)

- **ଦଳ-୨** ମନୋନୀତ ଏସଏଚଜି/ସିଆଇଜି/ଶ୍ରମ ଗୋଷ୍ଠୀର ତିନି ଜଣ ସଭ୍ୟ + ବେସରକାରୀ ସଙ୍ଗଠନ ଦଳର ସଦସ୍ୟ + ଗାଁ ବୈଦ୍ୟ/ବୟସ୍କ କାର୍ଯ୍ୟକାରିଣୀ କମିଟି ସଦସ୍ୟ + ଜଣେ କାର୍ଯ୍ୟକାରିଣୀ କମିଟି ସଦସ୍ୟ (ସେ ପରବର୍ତ୍ତୀ କାଳରେ ଜଳ ମୃତ୍ତିକା ସଂରକ୍ଷଣ କାର୍ଯ୍ୟକ୍ରମ ଓ ସହାୟକ ବନ ବର୍ଦ୍ଧନ କାର୍ଯ୍ୟକ୍ରମରେ ସାମିଲ ହେବେ)

ଜଣେ ବନରକ୍ଷୀ/ବନପାଳ/ଗ୍ରାମ୍ୟ ବନ ସହାୟକ (ଯିଏ ନଭେମ୍ବର-ଡିସେମ୍ବର ୨୦୧୨ରେ କୋରାପୁଟର ସୁନାବେଡାଠାରେ ସିଏସଡବ୍ଲୁସିଆରଟିଆଇ ଦ୍ୱାରା ଜଳ ମୃତ୍ତିକା ସଂରକ୍ଷଣ କାର୍ଯ୍ୟକ୍ରମ ଉପରେ ଆୟୋଜିତ କର୍ମଶାଳାରେ ତାଲିମପ୍ରାପ୍ତ ହୋଇଛନ୍ତି) ଜଳ ମୃତ୍ତିକା ସଂରକ୍ଷଣ କାର୍ଯ୍ୟକ୍ରମରେ କ୍ଷେତ୍ର ପରିଚାଳନା କେନ୍ଦ୍ରର ନେତୃତ୍ୱ ନେବେ। ଆବଶ୍ୟକ ଉପକରଣ ଭିଏସଏସରରେ ଉପଲବ୍ଧ ଥିବ ନଚେତ ଭିଏସଏସ ଖରିଦ କରିବ)

- ଭିଏସ୍ଏସ୍‌ର ଜଙ୍ଗଲ ମ୍ୟାପ୍ ଏବଂ ଉପଚାର ମ୍ୟାପ୍ (ଜିଆଇଏସ୍ ମ୍ୟାପ୍) କ୍ଷେତ୍ରରେ ଲେଖାଲେଖି କାର୍ଯ୍ୟ ପାଇଁ ୨ଟି ନକଲ ମ୍ୟାପ ପ୍ରସ୍ତୁତ କରିବାକୁ ହେବ ।
- ୩୦ ମିଟର ଟେପ୍ /ଗୁଣ୍ଟ ଚେନ୍ କିମ୍ବା ୨୦୦ ମିଟର ନାଇଲନ୍ ଦୌଡି
- ଖାତା ଓ ପେନ୍‌ସିଲ୍

ଭିଏସ୍ଏସ୍ (୮୦ ହେକ୍ଟର ବା ୨୦ ଟି ଗ୍ରୀଡ ୪ ହେ. ଲେଖାଏଁ ୨୦୦ମି. x ୨୦୦ ମି. ଗ୍ରୀଡରେ ବିଭକ୍ତ) ର ଜଙ୍ଗଲ ଅଞ୍ଚଳ ସର୍ଭେ କରିବାକୁ ପ୍ରାୟ ଦୁଇ ଦିନ ସମୟ ଲାଗିବ ।

## ୪. ଗ୍ରୀଡ ସର୍ଭେ ମୂଲ୍ୟାୟନ

ଡିଓ (ଏନ୍ଆର୍ଏମ୍), ପରିଚାଳନା କାର୍ଯ୍ୟ ପୂର୍ବରୁ ମ୍ୟାପରେ ପ୍ରତି ଗ୍ରୀଡ (୪ହେକ୍ଟର ଗ୍ରୀଡ ୨୦୦ ମିଟର x ୨୦୦ ମିଟର ସାଇଜ୍‌ର)କୁ ଏକ ସ୍ୱତନ୍ତ୍ର ପରିଚୟ (ଧାଡିଗୁଡିକ ଅକ୍ଷର ଓ ସ୍ତମ୍ଭ ଗୁଡିକ ସଂଖ୍ୟାରେ) ଦେବେ। ପରିଚାଳନା (ପଦଯାତ୍ରା) କାର୍ଯ୍ୟ କରାଯିବାବେଳେ ବର୍ତ୍ତମାନର ଉପଚାର ମ୍ୟାପ ଏବଂ ଜଙ୍ଗଲ ମ୍ୟାପର ତଥ୍ୟ ସ୍ଥଳ ବିଶେଷରେ ତନଖି କରାଯିବ ଏବଂ ଯଦି ବ୍ୟତିକ୍ରମ ଦେଖାଦିଏ ତେବେ ତାହାକୁ ଲିପିବଦ୍ଧ କରାଯିବ। ପ୍ରଥମ ବ୍ୟାଚ୍ ଭିଏସ୍ଏସ୍ ମ୍ୟାପ୍‌ରେ (ଯେଉଁଠି ଗ୍ରୀଡ ଅଙ୍କନ କରାଯାଇନାହିଁ) ୪ସେମି x ୪ସେମି ବ୍ୟବଧାନରେ ପେନ୍‌ସିଲ୍‌ରେ ଗ୍ରୀଡ ରେଖା ଟଣାଯିବ।

ଗ୍ରୀଡ ପଦଯାତ୍ରା କାର୍ଯ୍ୟକ୍ରମ ପ୍ରକ୍ରିୟାବେଳେ ପୁନର୍ଜନନ ସହାୟକ କାର୍ଯ୍ୟକ୍ରମ ଅଞ୍ଚଳ ଏବଂ ବୃକ୍ଷ ରୋପଣ ଅଞ୍ଚଳର ବର୍ତ୍ତମାନର ସ୍ଥିତି ଦେଖାଯାଇ ଉପଚାର ମ୍ୟାପରେ ଲିପିବଦ୍ଧ କରାଯିବ। କେତେ ପ୍ରଜାତିର ଗଛ ଲାଗିଛି ତାହା ମଧ୍ୟ ଲିପିବଦ୍ଧ ହେବ। ସ୍ଥଳ ବିଶେଷରେ ଜଙ୍ଗଲ ଓ ଟ୍ରିଟ୍‌ମେଣ୍ଟ୍ ମ୍ୟାପ୍‌କୁ ବିଧିବଦ୍ଧ କରାଇ ବିଶେଷ ବିବରଣୀ ନକଲ ମ୍ୟାପରେ ଉଲ୍ଲେଖ କରାଯିବ।

ଏହି ଗ୍ରୀଡ ପଦଯାତ୍ରା ପରିଚାଳନା କାର୍ଯ୍ୟକ୍ରମ ପ୍ରକ୍ରିୟାରେ ସଂଶ୍ଳିଷ୍ଟ ଦଳ ଚିହ୍ନଟ ଗ୍ରୀଡ ଲାଇନରେ (ଚିତ୍ର-୧) ଯାଇ ପ୍ରତି ଗ୍ରୀଡକୁ ଫର୍ମାଟ-୧ କ ଓ ୧ଖ କୁ ପୂରଣ କରିବେ ।

ପ୍ରତ୍ୟେକ ଦଳ ମ୍ୟାପ (ଚିତ୍ର-୧) ରେ ଏକ ପଥ ନିର୍ଣ୍ଣୟ କରିବେ, ଯାହାଦ୍ୱାରା ସେମାନେ ୨ଟି ଗ୍ରୀଡର ମଧ୍ୟ ରେଖାରେ ଯାଇପାରିବେ ଓ ଉଭୟ ପାର୍ଶ୍ୱରେ ଥିବା ଗ୍ରୀଡକୁ ମୂଲ୍ୟାୟନ କରିପାରିବେ। ସୀମା ଖୁଣ୍ଟ (ମ୍ୟାପରେ ନମ୍ବର ରହିଛି ଓ ସ୍ଥଳ ବିଶେଷରେ ଖୁଣ୍ଟ ରହିଛି) ମାଧ୍ୟମରେ ଗ୍ରୀଡ ଲାଇନ ସ୍ଥାନ ନିରୂପଣ କରିବା ପରେ ଦଳ ସେହି ମଧ୍ୟରେଖାରେ ଚାଲି ଗ୍ରୀଡର ଠିକ୍ ମଧ୍ୟଭାଗରେ ପହଞ୍ଚିବେ। ଏହି ସ୍ଥଳରେ ସେମାନେ (ଚିତ୍ର-୧ର ବିନ୍ଦୁ ବିନ୍ଦୁ ରେଖା ଅନୁସାରେ) ବାମ ଓ ଡାହାଣ ପଟକୁ ଯାଇ ଉଭୟ ଗ୍ରୀଡର କିଛି ସ୍ଥଳ ବୁଲିବେ ଏବଂ ନିଜର ଟିପ୍ପଣୀ ଟେବୁଲ୍‌ରେ ପୂରଣ କରିବେ।

## ଚିତ୍ର-୧: ଗ୍ରୀଡ ଚିହ୍ନଟ ଓ ଗ୍ରୀଡରେ ପଦଯାତ୍ରା କାର୍ଯ୍ୟକ୍ରମ




## ଫର୍ମାଟ-୧ କ:ଗ୍ରୀଡର ବର୍ଣ୍ଣନା

| ଗ୍ରୀଡର କ୍ରମିକ ସଂଖ୍ୟା | ଜଙ୍ଗଲର ଘଞ୍ଚତା | ଜଙ୍ଗଲର ପ୍ରକାର | ଭୂମିରୁପ | କେଉଁ ବୟସର ଗଛ ସଂଖ୍ୟା ଅଧିକ | ଗଛ ସଂଖ୍ୟା (୪୫ ସେମି ରୁ ଅଧିକ ଗୋଲେଇ ଏବଂ ୩ ମି ରୁ ଉଚ୍ଚ | ନିର୍ଦ୍ଦିଷ୍ଟ ତଥ୍ୟ | ମୃତ୍ତିକା କ୍ଷୟର ସ୍ଥିତି | |
|---|---|---|---|---|---|---|---|---|
| (ଏହି କ୍ରମିକ ସଂଖ୍ୟାକୁ ଜିଆଇଏସ ମ୍ୟାପରେ ଚିହ୍ନଟ କରନ୍ତୁ) | (୭୦ %ରୁ ଉର୍ଦ୍ଧ୍ୱ, ୪୦ରୁ ୭୦%, ୧୦ରୁ ୪୦%, ୧୦%ରୁ କମ୍) | ଶାଳ ବୁଦା, ମିଶ୍ରିତ ଜଙ୍ଗଲ, ଶାଗୁଆନ ବୃକ୍ଷରୋପଣ, ଅନ୍ୟାନ୍ୟ ବୃକ୍ଷରୋପଣ | ଗଡାଣିଆ (ତୀଖ, ମଧ୍ୟମ, ସାଧାରଣ), ସମତଳ, ପାହାଡ ଶୀର୍ଷ | ଖମ୍ବ ଠାରୁ କମ୍ ବୟସ୍କ କିମ୍ବା ମଧ୍ୟମ ବୟସ୍କ କିମ୍ବା ବୟସ୍କ | ୨୦ ମିଟର x ୨୦ ମିଟର ବର୍ଗକ୍ଷେତ୍ରରେ | ଅନାବନା ଗଛର ପ୍ରାଦୁର୍ଭାବ ମାତ୍ରା ପୋଡୁ, ନାଳ, ପଥର ବଣ ଆଦି | ଉପର ଖତମାଟିର ଉପସ୍ଥିତି, ଉପରର ମୃତ୍ତିକା ସ୍ଥିତି/କ୍ଷୟ, ମୃତ୍ତିକା ଜଳଧାରଣ ସ୍ଥିତି | ଉପର ଖତମାଟି ଧୋଇଯାଇଛି/ଅଛି (ଛୋଟ ନାଳ/ବଡ଼ ନାଳ/ଗଭୀର ନାଳର ଉପସ୍ଥିତି |
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ |

ଗୁରୁତ୍ୱପୂର୍ଣ୍ଣ: ମ୍ୟାପରୁ ତନଖି କରି କ୍ଷେତ୍ରରେ ଜାହିର କରନ୍ତୁ

(ସ୍ତମ୍ଭ ୨, ୩, ୪, ୫ ଓ ୭ କୁ ଜଙ୍ଗଲ ଜିଆଇଏସ୍ ମ୍ୟାପକୁ ଦେଖି ପ୍ରଥମେ ପୁରଣ କରାଯାଇ ପାରେ ଏବଂ ପରେ ଜଙ୍ଗଲର ସ୍ଥିତି ଅନୁସାରେ ଯାଞ୍ଚ କରାଯାଇ ପାରେ)

ମ୍ୟାପ୍‌ର ଅଂଶ ଏବଂ ସ୍ଥଳବିଶେଷର ସତ୍ୟତାକୁ ଭିତ୍ତିକରି ଜଙ୍ଗଲର ଭୂମିରୂପ (ସମପତନ/ଗଡାଣିଆ), କ୍ୟାନୋପି କଭର (ଘଞ୍ଚତା ବା ଗଭୀରତା), ପ୍ରଜାତି (ଶାଳ ବା ମିଶାମିଶି), ଗଛମାନଙ୍କର ବୟସ (ରୁଟେଡ୍ ଓ୍ୱେଷ୍ଟ, ଛୋଟ ଗଛ, ପୋଲ ଓ ତଦୁର୍ଦ୍ଧ), ମୃତ୍ତିକା କ୍ଷୟ (ନାଳ ଆଦି) ଏବଂ ଅନ୍ୟ ଅଂଶ ବିଷୟରେ ଅବଲୋକନ ଓ ଆଲୋଚନା କରିବେ ଓ ଏହି ଦୁଇ ଗ୍ରୀଡ ପାଇଁ ଟେବୁଲ-୧ କ ପୂରଣ କରିବେ। ମଧ୍ୟରେଖାରେ ୨୦୦ ମିଟର ଚାଲିବା ପୂର୍ବରୁ ପରବର୍ତ୍ତୀ ଦୁଇ ଗ୍ରୀଡ ପାଇଁ ପୁନର୍ବାର ଏହି ଅଭ୍ୟାସ (କାର୍ଯ୍ୟ) ଦୋହରାଇବାକୁ ହେବ। ପ୍ରତ୍ୟେକ ଗ୍ରୀଡରେ ସେମାନଙ୍କୁ ଏକ ୨୦ ମିଟର x ୨୦ ମିଟର ବିଶିଷ୍ଟ ଏକ କ୍ଷେତ୍ରର (ନାଇଲନ ରଶି/ଚେନ୍ ସାହାଯ୍ୟରେ) ଲାଇନ ଟାଣି କେତେ ଗଛ (କେବଳ ୩ ମିଟରରୁ ଅଧିକ ଉଚ୍ଚର ଓ ୪୫ ସେଣ୍ଟିମିଟରରୁ ଅଧିକ ମୋଟେଇ ଥିବା ଗଛ) ଅଛି ଗଣିବାକୁ ପଡିବ। ଟେବୁଲ ୧ 'କ' ର ୨,୩,୪,୫ ଓ ୭ ସ୍ତମ୍ଭକୁ ଭିଏସ୍ଏସ୍‌ରେ ଥିବା ଜଙ୍ଗଲ ମ୍ୟାପ୍‌ର ବିଶ୍ଳେଷଣ ଦ୍ୱାରା ପୂର୍ବରୁ ଭରିଦିଆ ଯାଇପାରେ ଏବଂ ଗ୍ରୀଡ ପଦଯାତ୍ରା ସମୟରେ ଯାଞ୍ଚ କରାଯାଇପାରେ।

## ଫର୍ମାଟ-୧ ଖ: ପ୍ରଜାତି ବଣ୍ଟନ

| ଗ୍ରୀଡର କ୍ରମିକ ସଂଖ୍ୟା | ଗୁରୁତ୍ୱପୂର୍ଣ୍ଣ ଅଣକାଷ୍ଠ ବନଜାତ ଦ୍ରବ୍ୟ ପ୍ରଜାତି ଯାହା ଖାଦ୍ୟଭାବେ ବ୍ୟବହୃତ ହୁଏ/ଔଷଧୀୟ ମୂଲ୍ୟ କିମ୍ବା ଆୟକାରୀ କାର୍ଯ୍ୟକଳାପ ଦକ୍ଷତା ରହିଛି | | | | |
|---|---|---|---|---|---|
| | ଲଟା (ଓହଳ) | ବୁଦା | ଔଷଧୀୟ ଗୁଳ୍ମ | କନ୍ଦା | ବୃକ୍ଷ (ସୂର୍ଯ୍ୟାଲୋକ ଦରକାର କରୁଥିବା) |
| ୧ | ୨ | ୩ | ୪ | ୫ | ୬ |

## ୫. ସ୍ଥାନୀୟ ଜଙ୍ଗଲ ପ୍ରଜାତି ସମ୍ପର୍କରେ ପରିବେଶ ଜ୍ଞାନର ଦଲିଲକରଣ

ଏହି ସୋପାନରେ ଗୁରୁତ୍ୱପୂର୍ଣ୍ଣ ପ୍ରଜାତି ଯାହା ଫର୍ମାଟ-୧ ଖରେ ଲିପିବଦ୍ଧ ହୋଇଛି ତାହାର ଖାଦ୍ୟ ମୂଲ୍ୟ, ରୋଜଗାର ବୃଦ୍ଧିରେ ଭୂମିକା, ପୁନର୍ଜନନ କ୍ଷମତା ଏବଂ ସ୍ଥାନୀୟ ପାରିବେଶିକ ଜ୍ଞାନ (ଫର୍ମାଟ-୨) ବିଷୟରେ ଭିଏସଏସ ଗୋଷ୍ଠୀ ସହ ଦଳବଦ୍ଧଭାବେ ଆଲୋଚନା କରି ଲେଖାଯିବ। ଏହି ତଥ୍ୟ କେତେକ ନିର୍ଦ୍ଦିଷ୍ଟ ପ୍ରଜାତିର ବନ ବର୍ଦ୍ଧନ ଜ୍ଞାନକୁ ସହଯୋଗ କରିବ ଏବଂ ଚାରା ଉତ୍ପାଦନ ଓ ଉଦ୍ଭିଦର ରକ୍ଷଣା ବେକ୍ଷଣ କାର୍ଯ୍ୟକ୍ରମକୁ ପ୍ରୋତ୍ସାହନ କରିବ।

## ୬. ପାତଳୀକରଣ ପାଇଁ ଗ୍ରୀଡ ମନୋନୟନ

ପ୍ରଭାବୀ ଓ ସମ ପ୍ରଭାବୀ ପ୍ରଜାତିର ବୃକ୍ଷ ଯେଉଁଠାରେ ଅତି ଘଞ୍ଚ/ଗତି ରୋଧକ, ଯେଉଁଠାରେ ପୁନର୍ଜନନ ସମ୍ପୁର୍ଣ୍ଣ ଭାବରେ ଅବସ୍ଥାପିତ ଏବଂ ବୃକ୍ଷ ବଢିବା ଉତ୍ସାହପ୍ରଦ ସେହିଠାରେ କେବଳ ପାତଳୀକରଣ ପାଇଁ ପ୍ରସ୍ତାବ ଦିଆଯାଇପାରିବ। (ପ୍ରକଳ୍ପ ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶନାମା ପତ୍ର ସଂଖ୍ୟା-୨୨୮୦/ଓଏଫଏସଡିପି-୨୯/୨୦୦୭ ତା ୦୫.୦୮.୨୦୧୦ ଏବଂ ମଡେଲ ଭିଏସଏସର ନିର୍ଦ୍ଦେଶନାମା ପତ୍ରସଂଖ୍ୟା ୫୧୩/ଓଏଫଏସଡିପି-୨୯/୨୦୦୭ ତା ୦୭.୦୨.୨୦୧୧)

ପାତଳୀକରଣ ପ୍ରଭାବୀ ଏବଂ ସମପ୍ରଭାବୀ ପ୍ରଜାତିର ଗହଳିଆ ବୃକ୍ଷ ଅଞ୍ଚଳରେ ହିଁ ସୀମିତ ରହିବା ସହ ଯେଉଁ ଗ୍ରୀଡରେ ଗୌଣ କାଷ୍ଠ ଜାତୀୟ ଗଛର ଛାତି ଉଚ୍ଚାର ଗୋଲେଇ (ଜିବିଏଚ) ୪୫ ସେଣ୍ଟିମିଟର ସହ ସମାନ ବା କମ୍ ହୋଇଥିବ ଏବଂ ଭଲ କାଷ୍ଠ ଜାତୀୟ ଗଛ ଯାହା ୪୫ ସେଣ୍ଟିମିଟରରୁ ଅଧିକ ହୋଇଥିବ ସେଠାରେ କରାଯିବ। ଖୋଲା ଅଞ୍ଚଳରେ ଏବଂ ଫଳ ପ୍ରଦାନ କରୁଥିବା ପ୍ରଜାତି ଯଥା ମହୁଲ, ଆମ୍ବ, ତେନ୍ତୁଳି, ଅଁଳା, ଚାର, ହରିଡା, ବାହାଡା, ବେଲ ଓ କୁସୁମ ଆଦି ବୃକ୍ଷ ଥିବା ଅଞ୍ଚଳରେ କୌଣସି ପାତଳୀକରଣ କାର୍ଯ୍ୟ କରାଯିବ ନାହିଁ।

# ଫର୍ମାଟ-୨

| କ୍ରମିକ ସଂଖ୍ୟା | ଅଣକାଷ୍ଠ ବନଜାତ ପଦାର୍ଥ ଦେଉଥିବା ଉଦ୍ଭିଦର ସ୍ଥାନୀୟ ଭାଷାରେ ନାମ | ବୃକ୍ଷ / ଓହଳ / ବୁଦା / ଔଷଧୀୟ ଗୁଳ୍ମ | ଉଦ୍ଭିଦ ପ୍ରଜାତିର ସ୍ଥାନୀୟ ବ୍ୟବହାର | ପୁନର୍ଜନନର ଆବଶ୍ୟକତା | ସ୍ଥାନୀୟ ପାରିସଂସ୍ଥିକ ଜ୍ଞାନ | | |
|---|---|---|---|---|---|---|---|
| | | | | | ଉଦ୍ଭିଦର ବାସସ୍ଥାନ (କେଉଁ ସ୍ଥାନରେ ପ୍ରାୟତଃ ଦେଖାଯାଏ) | ଉଦ୍ଭିଦର ନିର୍ଦ୍ଦିଷ୍ଟ ଯତ୍ନର ଆବଶ୍ୟକତା | ଉଦ୍ଭିଦର ଫୁଲ, ଫଳ, ପତ୍ର ଧରିବା/ପଡ଼ିବା ସମୟ |
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| | | | ଉଦ୍ଭିଦର କେଉଁ ଅଙ୍ଗ, କେଉଁଥି ପାଇଁ, କିପରି ବ୍ୟବହାର କରାଯାଏ | ପ୍ରାକୃତିକ କିମ୍ବା କୃତ୍ରିମ (ବୃକ୍ଷରୋପଣ); ମଞ୍ଜି, ଚେର, ଡାଳ (ଯାହାଦ୍ୱାରା ପୁନର୍ଜନନ କରାଯାଏ) ଇତ୍ୟାଦିର ଉପଲବ୍ଧତା | ଜଙ୍ଗଲର କେଉଁ ସ୍ଥାନରେ ଦେଖାଯାଏ (ପାହାଡ଼ ଉପରେ, ସମତଳ ଜାଗାରେ, ପାହାଡ଼ ତଳି ଅଞ୍ଚଳରେ, ନାଳ ପାଖରେ, କେଉଁ ଏକ ଗଛ ପାଖରେ ଇତ୍ୟାଦି) | ଏହାର ଯତ୍ନ ବିଷୟରେ ସ୍ଥାନୀୟ ଜ୍ଞାନକୌଶଳ (ଅମଳ ସମ୍ବନ୍ଧୀୟ ଇତ୍ୟାଦି) | |

ସହାୟକ ବନବର୍ଦ୍ଧନ କାର୍ଯ୍ୟକ୍ରମ 'ସମ୍ପୂର୍ଣ୍ଣ ଉପଚାର ପୁନରାବୃତ୍ତ ଅଞ୍ଚଳ' (ଭିଏସ୍‌ଏସ୍ କୁପ୍)ରେ ନିର୍ଦ୍ଧାରିତ ବର୍ଷ ପାଇଁ କରାଯିବ । ଏହା ଭୂମିଠାରୁ ୩ ମିଟର ଉଚ୍ଚ ହୋଇଥିବା ବୃକ୍ଷ ଉଚ୍ଚ ଥୁଣ୍ଟା କଟା, ତଳୁଆ ଡାଳ କଟା, ପ୍ରାକୃତିକଭାବେ ଗହଳିଆ ହୋଇଥିବା ଗଛକୁ ସଳଖ କରିବା, କଣ୍ଟା ବୁଦା ସଫେଇ କରିବା, ବାଲୁଙ୍ଗା ସଫା କରିବା ଆଦି କାର୍ଯ୍ୟରେ କେବଳ ସୀମତି ରହିବ ଯାହାକି ପାତଳୀକରଣ ଅଞ୍ଚଳ ବାହାରେ ଦଳର ସଭ୍ୟମାନଙ୍କ ଦ୍ୱାରା ତାଲିକାଭୁକ୍ତ ହୋଇଥିବ ।

ଖାଦ୍ୟ ଓ ଜୀବିକା ପାଇଁ ଉପଯୁକ୍ତ ପ୍ରଜାତିକୁ ଅନ୍ୟ ପ୍ରଜାତି ଅପେକ୍ଷା ଗୁରୁତ୍ୱ ପ୍ରଦାନ କରାଯିବ । ପ୍ରାଥମିକ ବ୍ୟବହାର ପାଇଁ ଆବଶ୍ୟକ ହେଉଥିବା ପ୍ରଜାତି ଯଥା ଗୋସମ୍ପଦ ପାଇଁ ଖାଦ୍ୟ, ଔଷଧୀୟ ବ୍ୟବହାର, ମଣିଷ ଖାଦ୍ୟ, ଜାଳେଣୀ କାଠ, କାଠ, କୋଇଲା ଆଦି ଉପରେ ବିଶେଷ ଗୁରୁତ୍ୱ ଦିଆଯିବ । ଦ୍ୱିତୀୟ ସିଧାସଳଖ ସୁବିଧା ଯଥା ତୈଳ ଓ ତନ୍ତୁ ଉତ୍ପାଦନ, ମସିଣା ତିଆରି, ଦଉଡି ଓ ଝୁଡି ତିଆରି ଏବଂ ପରୋକ୍ଷ ଲାଭ ଯଥା ଛାଇ ଓ ଗୁଳ୍ମର ବାଡ, ମୃତ୍ତିକାର ସ୍ଥିରତା, ଯବକ୍ଷାରଜାନ ବିବନ୍ଧନ ଭୂମିକା ଆଦି । ସଂଯୋଜନ-୩ରେ ବର୍ଣ୍ଣିତ ଟିଆଇଭି ମାଧ୍ୟମରେ କେଉଁ ପ୍ରଜାତିର ଗୁରୁତ୍ୱ କେତେ ତାହା ହିସାବ କରାଯାଇପାରିବ । ଫର୍ମାଟ-୩ ଅନୁସାରେ ଓ ସଂଯୋଜନ-୩ର ଟିଆଇଭି ଦ୍ୱାରା ତାଲିକାଭୁକ୍ତ ଏବଂ ଚିହ୍ନଟ ହୋଇଥିବା ନିଜସ୍ୱ ଅଗ୍ରାଧିକାର ପସନ୍ଦକୁ ବିଚାରକୁ ନେଇ ବିଭିନ୍ନ ପ୍ରଜାତିର ସମ୍ପୃକ୍ତ ଗୁରୁତ୍ୱ କୁ ନେଇ ସହାୟକ ବନ ବର୍ଦ୍ଧନ କାର୍ଯ୍ୟକ୍ରମରେ କେଉଁ ପ୍ରଜାତିର ଚାରାକୁ ରଖାଯିବ ସେ ସମ୍ପର୍କରେ ଭିଏସଏସ ଦଳଗୁଡିକ ଗ୍ରହଣ କରିବେ ।

ଉପରେ ହୋଇଥିବା ବର୍ଣ୍ଣନା ମତେ ହେକ୍ଟର ପିଛା କେତେ ସଂଖ୍ୟକ ଗଛ ରହିଲେ ଘଞ୍ଚତା କମ ହେବ, ବୃକ୍ଷ ମଧ୍ୟରେ ବ୍ୟବଧାନ ଆଦିକୁ ନେଇ ହୋଇଥିବା ଗ୍ରୀଡ ମୂଲ୍ୟାୟନ ଅନୁସାରେ କେଉଁ ଗ୍ରୀଡରେ ପାତଳୀକରଣ କରାଯାଇପାରିବ ତାହା ଚିହ୍ନଟ କରାଯିବ । ଭିନ୍ନ ଭିନ୍ନ ଗଛ ଅନୁସାରେ ପାତଳୀକରଣ ଅଲଗା ହେବ । ପାତଳୀକରଣ ହେବାକୁ ଥିବା ଗ୍ରୀଡଗୁଡିକୁ ନିମ୍ନମତେ ପ୍ରକାର ଭେଦ କରାଯିବ ।

କ. ରୁଟେଡ ଷ୍ଟେକରୁ ଶାଳ କପିସ/ଶାଳ ପ୍ରାକୃତିକ ପୁନର୍ଜନନ

ଖ. ଅଳ୍ପ ବୟସ୍କ ଅଣ ଶାଳ ପୁନର୍ଜନନ ଅଞ୍ଚଳ

ଗ. କୃତ୍ରିମ ପୁନର୍ଜନନ ଅଞ୍ଚଳ-ଶାଗୁଆନ ଓ ଅନ୍ୟ ପ୍ରଜାତିର ମିଶାମିଶି ବୃକ୍ଷରୋପଣ




କେଉଁ ପ୍ରକାର ଓ ପ୍ରଜାତିର ଗଛକୁ ହଟାଯିବ ତାହା ଯୋଜନା ନିର୍ଦ୍ଧାରଣ ସମୟରେ ଆନୁମାନିକଭାବେ ସୂଚିତ କରାଯିବ ଓ ସାଧାରଣ ପରିଷଦ ବୈଠକରେ ଆଲୋଚନା ଓ ଅନୁମୋଦନ ହେବା ପରେ କ୍ଷେତ୍ର ପରିଚାଳନା କେନ୍ଦ୍ର ମୁଖ୍ୟଙ୍କର ଅନୁମୋଦନ ନିଆଯିବ । ପାତଳୀକରଣ ପାଇଁ ଗଛ ଚିହ୍ନଟ ଏବଂ ପରେ ପାତଳୀକରଣ କାର୍ଯ୍ୟକ୍ରମର କାର୍ଯ୍ୟକାରିତା ସଂଯୋଜନ-୩ରେ ପ୍ରଦତ୍ତ ପାତଳୀକରଣ ନୀତି ଅନୁସାରେ ହିଁ କରାଯିବ ।

## ୭. ଖାଦ୍ୟ ଓ ଜୀବିକା ବନରେ ବୃକ୍ଷ ରୋପଣ ପାଇଁ ବୃକ୍ଷ ପ୍ରଜାତି ମନୋନୟନ

ଏହି ସୋପାନରେ ଅଂଶୀଦାରଙ୍କ ପସନ୍ଦ (ଗୁରୁତ୍ୱ ଓ ସଂଖ୍ୟା ମାଟ୍ରିକ୍ସ) ମୁତାବକ ବିଭିନ୍ନ ଗ୍ରୀଡରେ ବନଜାତ ଦ୍ରବ୍ୟ ପ୍ରଜାତି (ବୃକ୍ଷ, ବୁଦା, ଗୁଳ୍ମ, ଲତା(ଓହଳ) ଓ କନ୍ଦା) ଆଦି ପୁନର୍ଜନନ ବା ରୋପଣ କରାଯିବ । ଖାଦ୍ୟ ଓ ଜୀବିକା ବନରେ ବୃକ୍ଷରୋପଣ ତାହା ସ୍ଥାନୀୟ/ ପାରମ୍ପରିକ ପରିବେଶ ଜ୍ଞାନ (ଟିଇକେ) କୌଶଳ ଅନୁସାରେ ନିର୍ଣ୍ଣୟ କରାଯିବ ।

ପ୍ରଜାତି ମାଟ୍ରିକ୍ସ (ଫର୍ମାଟ-୩) ପାଇଁ ପ୍ରଥମ ସ୍ତମ୍ଭରେ ଗ୍ରୀଡ ଅନୁସାରେ ଗୁରୁତ୍ୱପୂର୍ଣ୍ଣ ପ୍ରଜାତି ସମ୍ପର୍କରେ ଆବଶ୍ୟକ ଉପ ବିଭାଗ ଯଥା ବୃକ୍ଷ, ବୁଦା ଏବଂ ଓହଳ ଇତ୍ୟାଦି ଲେଖି ପୂରଣ କରାଯିବ ତେବେ ଏଥିରେ କୌଣସି ନାମ ଯେପରି ପୁନରାବୃତ୍ତି ନ ହୁଏ ସେଥିପ୍ରତି ଧ୍ୟାନ ଦିଆଯିବ । ଅନ୍ୟ କୌଣସି ପ୍ରଜାତି ଯାହାକି ଗୋଷ୍ଠୀ, ବେସରକାରୀ ସଙ୍ଗଠନ, ପ୍ରୋତ୍ସାହନକାରୀ ସଂସ୍ଥା ଏବଂ ସଂଯୋଜନ-୨ କିମ୍ବା ବନ ବିଭାଗ ଦ୍ୱାରା ପ୍ରସ୍ତାବ ଦିଆଯାଇଥାଏ ତେବେ ତାହା ତାଲିକାରେ ଯୋଡାଯାଇପାରିବ ।

ଦଳର ସଭ୍ୟମାନେ ଆବଶ୍ୟକ ଉତ୍ପାଦନ (ଉଦାହରଣସ୍ୱରୂପ ଖାଦ୍ୟ, ଔଷଧ, ସହଜରେ ବଢିପାରୁଥିବା, ପ୍ରଜାତି ସମ୍ପର୍କରେ ରହିଥିବା ପରିବେଶ ଜ୍ଞାନ, ବୁଦା ସଫେଇ ଜ୍ଞାନ, ବୃକ୍ଷରୋପଣ ସାମଗ୍ରୀ ଉପଲବ୍ଧତା, ବିଲୁପ୍ତପ୍ରାୟ, ସାଂସ୍କୃତିକଭାବେ ପସନ୍ଦଯୋଗ୍ୟ, ସହଜରେ ବିକ୍ରି ହୋଇପାରୁଥିବା ଇତ୍ୟାଦି) ଯାହାକି ସେମାନେ ଏହି ପ୍ରଜାତିରୁ ପାଇବା ପାଇଁ ଆଶା କରୁଛନ୍ତି, ତାହା ପ୍ରଥମ ଧାଡିରେ ଲେଖିବେ ଓ ପୁଙ୍ଖାନୁପୁଙ୍ଖଭାବେ ଆଲୋଚନା କରିବେ। ନିମ୍ନଲିଖିତ ଟେବୁଲରେ ସେହିପରି କିଛି ଉପାଦାନ ସମ୍ପର୍କରେ ସମ୍ୟକ ସୂଚନା ଦିଆଯାଇଛି, କିନ୍ତୁ ଆଲୋଚନାଭିତ୍ତିରେ ଗ୍ରାମବାସୀ ସେମାନଙ୍କ ତାଲିକା ଚୂଡାନ୍ତ କରିବାକୁ ସ୍ୱାଧୀନତା ଦିଆଯାଇଛି। ଏହି ଉପାଦାନଗୁଡିକୁ ଗ୍ରାମବାସୀମାନେ କେତେ ଗୁରୁତ୍ୱ ଦେଉଛନ୍ତି (୦-୫ ସ୍କେଲ) ତାହା ପରବର୍ତ୍ତୀ ଧାଡିରେ ଉଲ୍ଲେଖ କରାଯିବ।

ପରବର୍ତ୍ତୀ ସମୟରେ କେଉଁ ପ୍ରଜାତିକୁ କେଉଁ ଉପାଦାନ ଅନୁସାରେ କେତେ ନମ୍ବର ପ୍ରଦାନ କରାଯାଇଛି ସେ ସମ୍ପର୍କରେ ସେମାନେ ନିଜ ନିଜ ମଧ୍ୟରେ ତର୍କ କରିବେ ଓ ସେହି ଅନୁସାରେ ଟେବୁଲ ପୂରଣ କରି ଚାଲିବେ। ଯେଉଁ ସ୍ତମ୍ଭରେ ମୋଟ ଗୁରୁତ୍ୱ ପ୍ରଦାନର ନମ୍ବର ରହିଛି (ଏକ ନିର୍ଦ୍ଦିଷ୍ଟ ଉପାଦାନ ପାଇଁ ପ୍ରଜାତିର ନମ୍ବର) ତାହାକୁ ଉପାଦାନ ପାଇଁ ପ୍ରଦତ୍ତ ଗୁରୁତ୍ୱ ରେ ଗୁଣନ କରାଯିବ ଏବଂ ଏହିପରି ସମସ୍ତ ଉପାଦାନ ଓ ଗୁରୁତ୍ୱର ଗୁଣିତ ନମ୍ବରକୁ ମିଶାଇ ପ୍ରତି ଉଦ୍ଭିଦକୁ ମାର୍କ ଦିଆଯିବ। ଏହି ମାର୍କ ଅନୁସାରେ ପ୍ରତି ଉଦ୍ଭିଦ ଶ୍ରେଣୀ ପାଇଁ ଗ୍ରାମବାସୀମାନେ କିଛି ଉଦ୍ଭିଦ (ଅଧିକା ମାର୍କ ଥିବା) ଚିହ୍ନଟ କରିବେ। ମନୋନୀତ ପ୍ରଜାତିର ତାଲିକା କାର୍ଯ୍ୟକର୍ତ୍ତା ଗୋଷ୍ଠୀକୁ ମଞ୍ଜି ସଂଗ୍ରହ ଯୋଜନା କରିବାରେ ଏବଂ ଯଦି ଆବଶ୍ୟକ ହୁଏ (ଫର୍ମାଟ-୩ ସମ୍ମିଳିତ ପ୍ରଜାତି ମନୋନୟନ ପାଇଁ ତର୍କପୂର୍ଣ୍ଣ ପ୍ରଜାତି ମାଟ୍ରିକ୍ସ) ତେବେ ସମ୍ପୃକ୍ତ ପ୍ରଜାତି ଗୁଡିକରେ ଖୁଣ୍ଟାକଟା ଓ ସହାୟକ ବନ ବର୍ଦ୍ଧନ କାର୍ଯ୍ୟ ପାଇଁ ତଥ୍ୟ ନେବାରେ ସହାୟକ ହେବ।

## ଫର୍ମାଟ-୩: ମିଳିମିଶି ଉପଯୁକ୍ତ ପ୍ରଜାତି ମନୋନୟନ କରିବାର ସାରଣୀ

| ବ୍ୟବହାର/ଉପାଦାନ<br>ଉଦାହରଣ → | ଖାଦ୍ୟ | ଆୟ | ଜାଳେଣୀ | ସହଜରେ ବଢୁଥିବା | ସହଜରେ ବଞ୍ଚି ପାରୁଥିବା | ଶୀଘ୍ର ବଢୁଥିବା | ମୋଟ ଗୁରୁତ୍ୱ ନମ୍ବର | ସ୍ଥିତି |
|---|---|---|---|---|---|---|---|---|
| ଗୁରୁତ୍ୱ ଅନୁସାରେ ନମ୍ବର (୦-୧୦ ସ୍କେଲରେ) | ଗୁ୧ | ଗୁ୨ | ଗୁ୩ | ଗୁ୪ | ଗୁ | | | |
| ପ୍ରଜାତି (ସ୍ଥାନୀୟ ନାମ) | | | | | | | | |
| ନମ୍ବର (୦-୫ ସ୍କେଲରେ) → | ନ୧ | ନ୨ | ନ୩ | ନ୪ | ନ | | | |
| ବୃକ୍ଷ | | | | | | | | |
| ବୁଦା | | | | | | | | |
| ଲଟା(ଓହଳ) | | | | | | | | |

## ୮. ମୃତ୍ତିକା ଓ ଜଳ ସଂରକ୍ଷଣ କାର୍ଯ୍ୟ ପାଇଁ ଗ୍ରୀଡ ମନୋନୟନ

ଓଏଫ୍‌ଏସ୍‌ଡିପି ଦ୍ୱାରା ପୂର୍ବରୁ ସୃଷ୍ଟି କରାଯାଇଥିବା ମୃତ୍ତିକା ଓ ଜଳ ସଂରକ୍ଷଣ ନିର୍ମାଣଗୁଡିକର ସ୍ଥିତି ଗ୍ରୀଡ ପଦଯାତ୍ରା ପ୍ରକ୍ରିୟା ସମୟରେ ଲିପିବଦ୍ଧ କରାଯିବ। ମୃତ୍ତିକା ଜଳ ସଂରକ୍ଷଣ ନିର୍ମାଣ ସମ୍ପର୍କିତ ତଥ୍ୟ ଓ ଜିପିଏସ୍ ରିଡିଂ ଏବଂ ଫଟୋ ମଧ୍ୟ ସଂଗ୍ରହ କରାଯିବ।

ଅଭିଜ୍ଞ ଓ ତାଲିମପ୍ରାପ୍ତ ସଭ୍ୟ (ମୃତ୍ତିକା ଓ ଜଳ ସଂରକ୍ଷଣ ଗୋଷ୍ଠୀର ନେତୃତ୍ୱବର୍ଗ)ଙ୍କ ସହାୟତାରେ ଗ୍ରୀଡ ଓ ପ୍ରମୁଖ ନାଳ ପଦଯାତ୍ରା ମାଧ୍ୟମରେ ନୂତନ ଉପଚାର ସମ୍ପର୍କରେ ଯୋଜନା କରାଯିବ। ପଦଯାତ୍ରା କରିବାବେଳେ ଗ୍ରୀଡରେ କେତେ ପରିମାଣର ଉପର ମୃତ୍ତିକା କ୍ଷୟ ହେଉଛି ଓ କେଉଁଠି ନାଳ ସୃଷ୍ଟି ହେଉଛି ତାହା ଦଳର ସଭ୍ୟମାନେ ଲକ୍ଷ୍ୟ କରିବେ। ମୃତ୍ତିକା ଅବକ୍ଷୟ କରୁଥିବା ନାଳକୁ ସମ୍ପୂର୍ଣ୍ଣଭାବେ ବୁଝିବା

ପାଇଁ ପାହାଡ ଉପରେ ଥିବା ନାଳର ଉତ୍ପତ୍ତି ସ୍ଥଳଠାରୁ ଭିଏସ୍ଏସ୍ ଜଙ୍ଗଲର ତଳ ସୀମାପର୍ଯ୍ୟନ୍ତ ପଦଯାତ୍ରା କରିବା ଅନିବାର୍ଯ୍ୟ । ଯେଉଁ ନାଳର ଉପଚାର କରାଯିବା ତାହାକୁ ମ୍ୟାପ୍‌ରେ ଚିହ୍ନଟ ସହ କେଉଁ ପ୍ରକାରର ଉପଚାର ସବୁ ହେବ ତାହା ଉଲ୍ଲେଖ କରାଯିବ । ଯେହେତୁ ନାଳଗୁଡିକ ଶୀର୍ଷରୁ ହିଁ ଉପଚାର କରାଯିବ, ତେଣୁ ଭିଏସ୍ଏସ୍ ଅଞ୍ଚଳ ବାହାରେ ମଧ୍ୟ ଉପଚାର କରାଯାଇପାରିବ । ସେହିପରି ଗଡାଣିଆ ଅଞ୍ଚଳ ପାଇଁ ଗ୍ରହଣ କରାଯିବାକୁ ଥିବା ପଦକ୍ଷେପ ଯଥା ସମପତନ ଗ୍ରୀଡ ବା ଷ୍ଟାଗାର୍ଡ ବନ୍ଧ (ସବୁଜ, ମାଟି ପଥର) ତଥା ଖାଇ ଗ୍ରୀଡ ଅନୁସାରେ ଆପାତତଃ ପରିସୀମା ସହ ଲିପିବଦ୍ଧ କରାଯିବ ।

ସମ୍ପୂର୍ଣ୍ଣ ମୃତ୍ତିକା ଓ ଜଳ ସଂରକ୍ଷଣ ପୁସ୍ତିକାରେ ଭିଏସ୍ଏସ୍ ଅଞ୍ଚଳରେ କରାଯାଇପାରିବା ବିଭିନ୍ନ ପ୍ରକାରର ପଦକ୍ଷେପ ବର୍ଣ୍ଣନା କରାଯାଇଛି (ସଂଯୋଜକ-୪) । ସମ୍ପୂର୍ଣ୍ଣ ଯୋଜନା ପ୍ରସ୍ତୁତି ସମୟରେ ତାହାକୁ ମୃତ୍ତିକା ଓ ଜଳ ସଂରକ୍ଷଣ ଗୋଷ୍ଠୀ ବ୍ୟବହାର କରିବା ଉଚିତ ।

ବିଭିନ୍ନ ପଦକ୍ଷେପ ସମ୍ପର୍କରେ ପ୍ରସ୍ତାବ ଦେବାବେଳେ ଓ ଯୋଜନା ପ୍ରସ୍ତୁତି ସମୟରେ ନିମ୍ନଲିଖିତ ନୀତିଗୁଡିକୁ ଗ୍ରହଣ କରାଯିବ:

- ପାହାଡ ଉପରୁ ସମତଳଭୂମି ଆଡକୁ ଉପଚାର କରାଯିବ । ଉପର ଧାରାକୁ ଉପଚାର ନ କରି ନିମ୍ନଧାରାକୁ ଉପଚାର କରାଯିବ ନାହିଁ ।
- କମ୍ ସମୟରେ ବା କମ୍ ଖର୍ଚ୍ଚରେ ସହଜରେ ଫଳପ୍ରଦ ତଥା ମରାମତିଯୋଗ୍ୟ ଉପଚାର ସ୍ଥାନୀୟ ଅଞ୍ଚଳରେ ଉପଲବ୍ଧ ପଦାର୍ଥ ଯଥା- ପଥର, ବାଉଁଶ, ଡାଳପତ୍ର, ବୁଦା ଆଦି ବ୍ୟବହାର କରାଯାଇପାରେ । ପଥର ଆଦି ପଦାର୍ଥ ଯଦି ଭିଏସ୍ଏସ୍ ଅଞ୍ଚଳରେ ମିଳୁନାହିଁ ତେବେ ତାହା ଦୂରରୁ ଅଣାଯିବ ନାହିଁ ।
- ଯାନ୍ତ୍ରିକ ପଦକ୍ଷେପଗୁଡିକୁ ସୁଦୃଢୀକରଣ କରିବା ପାଇଁ (ମୃତ୍ତିକା କାର୍ଯ୍ୟ ଏବଂ ପଥର କାମ) ଜୈବିକ ପଦାର୍ଥ/ସବୁଜ ଗୁଳ୍ମର ବାଡ, ଗଜୁରୁଥିବା ଡାଳ (ବାଉଁଶ, ପାଳଧୁଆ, ଶିମିଳ, ବେଗୁନିଆ ଆଦି)ର ବ୍ୟବହାର କରାଯିବ । ଉପଚାର ମ୍ୟାପ୍ ଓ ଭିଏସ୍ଏସ୍‌ର ଅନୁମୋଦନ ଭିତ୍ତିରେ ଉପକମିଟି/ଶ୍ରମ ଗୋଷ୍ଠୀ କାର୍ଯ୍ୟ କରିବା ସହ ରିପୋର୍ଟ କରିବ ।

## ୯. ଗ୍ରୀଡ ଉପଚାର ଯୋଜନାର ବିକାଶ

ଖାଦ୍ୟ ଓ ଜୀବିକା ବନର ପୁନର୍ଜନନ/ରୋପଣ ପାଇଁ ଓ ସୋପାନ ୭ ଅନୁସାରେ ଗ୍ରୀଡଭିତ୍ତିକ ସହାୟକ ପୁନର୍ଜନନ ପାଇଁ ଉପଚାର ଯୋଜନା ଫର୍ମାଟ ୪କ ରେ ଚୂଡାନ୍ତ କରାଯିବ । ସହାୟକ ବନ ବର୍ଦ୍ଧନ କାର୍ଯ୍ୟ ତଥା ମୃତ୍ତିକା ଜଳ ସଂରକ୍ଷଣ କାର୍ଯ୍ୟ ପାଇଁ ମନୋନୀତ ଗ୍ରୀଡ ର ଯୋଜନା (ଫର୍ମାଟ ୪ଖ) ସଂଯୋଜନା-୩ (ସହାୟକ ବନ ବର୍ଦ୍ଧନ/ପାତଳୀକରଣ) ଏବଂ ସଂଯୋଜନ-୪ (ମୃତ୍ତିକା ଓ ଜଳ ସଂରକ୍ଷଣ) କୁ ଅନୁକରଣ କରି ପ୍ରସ୍ତୁତି କରାଯିବ ।

ଏହି କାର୍ଯ୍ୟକ୍ରମ ପାଇଁ ସମୟ ସାରଣୀ ଓ ବ୍ୟୟ ବରାଦ ଚୂଡାନ୍ତ କରାଯିବା ପୂର୍ବରୁ ଉପଚାର ଯୋଜନା ମ୍ୟାପ୍ (ଜଙ୍ଗଲ ସମ୍ପଦ ମ୍ୟାପ୍) ପ୍ରସ୍ତୁତ କରାଯିବ । ଏଥିରେ ସମସ୍ତ ଉପଚାର ଅଞ୍ଚଳକୁ ପାଞ୍ଚ ବର୍ଷିଆ ଉପଚାର ପର୍ଯ୍ୟାୟଭିତ୍ତିରେ ପାଞ୍ଚଟି ଭିଏସ୍ଏସ୍ କୁପ୍‌ରେ ବିଭକ୍ତ କରିବା ସହ ପ୍ରତି ଗ୍ରୀଡର ସ୍ଥିତି ଓ ପ୍ରସ୍ତାବିତ ଉପଚାର ଉଲ୍ଲେଖ କରାଯିବ । ତେବେ ପାତଳୀକରଣ ଉପଚାର ପାଇଁ ପ୍ରତି ଭିଏସ୍ଏସ୍ କୁପ୍‌ରେ ସମାନ ସଂଖ୍ୟକ ଗ୍ରୀଡ ଚିହ୍ନଟ ହେବା ଆବଶ୍ୟକ । ଏହାଦ୍ୱାରା ଭିଏସ୍ଏସ୍ ସେମାନଙ୍କ ଯୁଗ୍ମ ବନ ପରିଚାଳନା ଅଞ୍ଚଳରୁ ପ୍ରତିବର୍ଷ କାଠ ବା ଛୋଟ କାଠ ଉତ୍ପାଦନ କରିବାରେ ସକ୍ଷମ ହେବା ସହ ଭିଏସ୍ଏସ୍ କୁପ୍‌ରୁ ସେହି ବର୍ଷ ସହାୟକ ବନ ବର୍ଦ୍ଧନ କାର୍ଯ୍ୟ ଓ ଅଣକାଷ୍ଠ ବନଜାତ ଦ୍ରବ୍ୟ ସଂଗ୍ରହ କରିପାରିବ ।

ଜଙ୍ଗଲ ସମ୍ପଦ ମ୍ୟାପ୍‌ରେ ସମଗ୍ର ଅଞ୍ଚଳକୁ ଗ୍ରୀଡରେ (ନାଲି କାଳିରେ) ଦର୍ଶାଯିବ ଏବଂ ୫ଟି ଭିଏସ୍ଏସ୍ କୁପ୍‌ରେ (ସ୍ଥଳବିଶେଷରେ ଉପଲବ୍ଧତା ଅନୁସାରେ ସମାନଭାବେ କିମ୍ବା ସମାନ ସାମଗ୍ରୀ ପ୍ରାପ୍ତି ଭିତ୍ତିରେ) ବିଭକ୍ତ ଯାହା ପାଞ୍ଚ ବର୍ଷିଆ ଉପଚାର ପର୍ଯ୍ୟାୟଭିତ୍ତିରେ କରାଯିବ ତାହା କଳା କାଳିରେ ଦର୍ଶାଯିବ ।

ପୁନଃ ପରିଦର୍ଶନବେଳେ ଯେଉଁ ଉପଚାର କରାଯିବ ତାହା ଚୂଡାନ୍ତ ହେବା ପରେ ଅଣୁ ଯୋଜନା ୧ ର ଦଶ ବର୍ଷିଆ ସମୟ ସାରଣୀରୁ ୨୦୧୩-୧୪ ଠାରୁ କାର୍ଯ୍ୟ ଯୋଜନା ଏବଂ ଅଣୁ ଯୋଜନା-୨ ରୁ ବ୍ୟୟ ବରାଦ (ଫର୍ମାଟ ୪ କ ରେ) ଚୂଡାନ୍ତ ହେବ । ଅଣୁଯୋଜନା ଦ୍ୱିତୀୟ ଭାଗର ଫର୍ମାଟ ୫ କ ଅନ୍ତର୍ଗତ ଟେବୁଲ-ଣ ଅନୁସାରେ ଏହା ସେମାନଙ୍କୁ ବାର୍ଷିକ କାର୍ଯ୍ୟ ଯୋଜନା ପ୍ରସ୍ତୁତିରେ ସହାୟକ ହେବ ।

# ସଂଯୋଜନ ୩: ପାତଳୀକରଣ ପାଇଁ ନୀତି

## ପ୍ରଚ୍ଛଦ ପ୍ରସଙ୍ଗ:

୧. 'ବନ ଦେବତା' ତାର ସମ୍ପଦର ଆର୍ଶୀବାଦ ସ୍ଥାନୀୟ ଗୋଷ୍ଠୀକୁ ପ୍ରଦାନ କରୁଛି । ତେବେ ବନ ଓ ପରିବେଶର ସ୍ୱଳ୍ପ ବୁଦ୍ଧି/ବୁଝାମଣା ଯୋଗୁଁ ସୁରକ୍ଷାର ଦାୟିତ୍ୱ ଅବହେଳିତ ହୋଇଯାଉଛି, ଯାହାଫଳରେ ସ୍ଥାନୀୟ ଗୋଷ୍ଠୀ ପାଇଁ ଜଙ୍ଗଲଜାତ ଦ୍ରବ୍ୟ ଓ ପାରିସ୍ଥିତିକ ସେବା କମିଯାଉଛି । ଅନିୟନ୍ତ୍ରିତ ଗୋ-ଚାରଣ ଓ ଜଙ୍ଗଲ ନିଆଁର ପ୍ରଶମନ ତଥା ମୃତ୍ତିକା ଓ ଜଳ ସଂରକ୍ଷଣ ପାଇଁ ଉଚିତ ପଦକ୍ଷେପ ଯୋଗୁଁ ଦୟାଶୀଳ ଦେବୀ ପୁନର୍ବାର ଶାନ୍ତ ହେବା ସହ ନଣ୍ଡା ପାହାଡଗୁଡିକ ନୂଆ ସବୁଜିମାରେ ପରିପୂର୍ଣ୍ଣ ହେବାରେ ଲାଗିଛି । ଯୁଗ୍ମ ବନ ପରିଚାଳନା ଏହି ପ୍ରକ୍ରିୟାର ଆରମ୍ଭ କରିଛି ଏବଂ ତାହାର ପ୍ରତିପାଳନ ପାଇଁ ଉପଯୁକ୍ତ ପରିଚାଳନା ପଦ୍ଧତି ଚାଲୁ କରାଯାଇଛି ।

୨. ଅଣୁଯୋଜନା ପ୍ରସ୍ତୁତି ସମୟରେ ସେଠାରେ ଥିବା ଜଙ୍ଗଲ ଅଞ୍ଚଳର ନିର୍ଦ୍ଧିଷ୍ଟତା ଓ ସ୍ଥିତିକୁ ଭଲଭାବେ ବୁଝିବା ପାଇଁ ଭିଏସଏସକୁ ପ୍ରଦତ୍ତ ଅଞ୍ଚଳର ଉପଗ୍ରହଭିତ୍ତିକ ଚିତ୍ର ବ୍ୟବହାର କରାଯାଉଛି । କ୍ଷେତ୍ରରେ ସ୍ଥିତି ତନଖି ପରେ ଏବଂ ଜଙ୍ଗଲ ସମ୍ପଦର ଅତିରିକ୍ତ ବୈଶିଷ୍ଟ୍ୟ ଲିପିବଦ୍ଧ କରିବା ପରେ ପ୍ରତି ଭିଏସଏସ ପାଇଁ ଏକ ଜଙ୍ଗଲ ମ୍ୟାପ (ନକ୍ସା) ବିକଶିତ କରାଯାଇଛି ।

କ) ସୁରକ୍ଷା ଓ ସଫେଇ (କ୍ଲିନିଂ)/ସିଙ୍ଗଲିଂ ପରି ପଦକ୍ଷେପ ଚାରାକୁ ଭଲଭାବେ ବଢିବାରେ ସାହାଯ୍ୟ କରେ । ବୁଦୁବୁଦିଆ ଶାଳ ଜଙ୍ଗଲକୁ ସିଧାଭାବେ ବଢିବାରେ ମଧ୍ୟ ସୁଯୋଗ ଦିଏ । ଉତ୍କୃଷ୍ଟମାନର କାଠ/ସ୍ୱାସ୍ଥ୍ୟକର ପରିବେଶ ପାଇବା ପାଇଁ ଚାରାଗୁଡିକୁ ଠିକ୍ ଭାବରେ ବଢିବା ପାଇଁ ଆବଶ୍ୟକ ସ୍ଥାନ ଯୋଗାଇଦେବାକୁ ହେବ । ପାତଳୀକରଣ ପାଇଁ ଯୋଜନା କରିବା ପାଇଁ ଓ କୌଶଳପୂର୍ଣ୍ଣଭାବେ ପଦକ୍ଷେପ ଗ୍ରହଣ କରିବାକୁ ଉପଯୁକ୍ତ ନିର୍ଦ୍ଦେଶିକା ଆବଶ୍ୟକ ।

ଖ) ଏକ ପକ୍ଷରେ ପାତଳୀକରଣ ସିଙ୍ଗଲିଂ/କ୍ଲିନିଂ (ସଫେଇ) ସହ ସମାନ କିନ୍ତୁ ତାହା ଗଛ ବଢ଼ିବା ପରେ କାର୍ଯ୍ୟକାରୀ କରାଯାଏ । ଚାରା ପୋଲ ଷ୍ଟେଜ୍ ବା ତା ପର ସ୍ଥିତିରେ ଥିବାବେଳେ ରକ୍ଷଣାବେକ୍ଷଣ କରିବା ଓ ଗହଳ ହୋଇପଡିଥିବା ବୃକ୍ଷଗୁଡିକୁ ହଟାଇବା ଆବଶ୍ୟକ । ଏହି କାର୍ଯ୍ୟକଳାପଗୁଡିକ ଦ୍ୱାରା ପରବର୍ତ୍ତୀ କାଳରେ ଜଙ୍ଗଲଜାତ ଦ୍ରବ୍ୟର ମାନ ଓ ପାରିମାଣ ବୃଦ୍ଧି ହେବ ତେଣୁ ବନଖଣ୍ଡର ୱାର୍କିଂ ପ୍ଲାନ (କାର୍ଯ୍ୟ ଯୋଜନା)ରେ ଏହି ଉପଚାର ଏକ ମୁଖ୍ୟ ଉପାଦାନ ଓ ଗୁରୁତ୍ୱପୂର୍ଣ୍ଣ ।

୩. ଯୁଗ୍ମ ବନ ପରିଚାଳନା/କାର୍ଯ୍ୟ ଯୋଜନା ୱାର୍କିଂ ପ୍ଲାନର ଉପଚାରଗୁଡିକ ଏବଂ ଭିଏସଏସ ଅଞ୍ଚଳ ଉପଚାର ଯୋଜନା ଯାହା ଭିଏସଏସ ସାଧାରଣ ପରିଷଦ ଦ୍ୱାରା ସ୍ଥିର ହୋଇଥାଏ ତାହା ପରସ୍ପର ଅନୁରୂପ (ଅଣୁଯୋଜନା ନୀତିକୁ ବିଚାରକୁ ନିଅନ୍ତୁ) ହେବା ଆବଶ୍ୟକ । ଏହି ବିଷୟରେ ଓଏଫଏସଡିପି ପ୍ରକଳ୍ପ ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶନାମା ଓଏଫଏସଡିପି ପତ୍ର ସଂଖ୍ୟା ୨୨୮୦/ଓଏଫଏସଡିପି-୨୯/୨୦୦୭ ତା ୫/୮/୨୦୧୦ରିଖ ଏବଂ ମଡେଲ ଭିଏସଏସ ନୀତି ପତ୍ର ସଂଖ୍ୟା ୫୧୩/ଓଏଫଏସଡିପି-୨୯/୨୦୦୭ ତା୭/୨/୨୦୧୧ ବିଚାରକୁ ନିଅନ୍ତୁ । ପାତଳୀକରଣ ସଂକ୍ରାନ୍ତ ତଥ୍ୟ ନିମ୍ନରେ ଦିଆଯାଇଛି ।

ଯେଉଁଠାରେ ବୃକ୍ଷଗୁଡିକ ପୂର୍ଣ୍ଣ ପୁନର୍ଜନନ ହେଉଥିବ, ଗହଳ ଏବଂ ଭଲଭାବେ ବଢୁଥିବ ସେଠାରେ ବୃଦ୍ଧିକୁ ଅଧିକ ମୂଲ୍ୟଯୁକ୍ତ କରିବାକୁ ପାତଳୀକରଣ କାର୍ଯ୍ୟକ୍ରମ କରାଯିବ । ପ୍ରକୃତରେ ପାତଳୀକରଣ ପରେ ରହିଯାଇଥିବା ଗଛକୁ ଭଲଭାବେ ବଢିବା ପାଇଁ ସୁଯୋଗ ମିଳେ । ସାଧାରଣଭାବେ ପାତଳୀକରଣ କାର୍ଯ୍ୟକ୍ରମରେ ନିମ୍ନଲିଖିତ ସର୍ତ୍ତମୂଳକ କାର୍ଯ୍ୟକ୍ରମ ସାମିଲ ହେବା ଉଚିତ ।

- ଗହଳ ହୋଇଥିବା ଅଳ୍ପ ବୟସ୍କଶ୍ରେଣୀର ପୋଲ (୧ରୁ ୩ମିଟର ଉଚ୍ଚ କମ୍ ବୟସର ଗଛ) ବୃକ୍ଷ ଏବଂ ଯେଉଁ ପ୍ରଜାତିର ଗଛର ଗୋଲେଇ ୪୫ ସେଣ୍ଟିମିଟର ଛାତି ଉଚ୍ଚରେ ବା ତା ଠାରୁ କମ୍ ହୋଇଥିବ ସେହିଠାରେ ହିଁ ପାତଳୀକରଣ କାର୍ଯ୍ୟକ୍ରମ ସୀମିତ ରହିବ ।
- "ସି" ଗ୍ରେଡ ପାତଳୀକରଣ ଲାଇନରେ ଚିହ୍ନଟକରଣ କରାଯିବ ଯାହାକି କେବଳ ପ୍ରଭାବୀ (ଯେଉଁ ଗଛ ଅନ୍ୟ ଗଛମାନଙ୍କୁ ଦବାଇ ବଢିଯାଏ) ଏବଂ ଚାପି ହୋଇ ରହିଥିବା ଗଛକୁ ହଟାଇବାରେ ସୀମିତ ରହିବ ଏବଂ କେତେକ 'ସମପ୍ରଭାବୀ' ଡାଳକୁ ମଧ୍ୟ ହଟାଇଦିଆଯିବ ।

- ଖୋଲାସ୍ଥାନରେ ପାତଳୀକରଣ କରାଯିବ ନାହିଁ କିମ୍ବା ଯେତେ ଗହଳ ହୋଇଥିଲେ ମଧ୍ୟ ଫଳ ଦେଉଥିବା ବୃକ୍ଷ ଯଥା ମହୁଲ, ଆମ୍ବ, ତେନ୍ତୁଳି, ଅଁଳା, ଚାର, ହରିଡା, ବାହାଡା, ବେଲ ଓ କୁସୁମ ଆଦି ବୃକ୍ଷରେ କୌଣସି ପାତଳୀକରଣ କାର୍ଯ୍ୟକ୍ରମ କରାଯିବ ନାହିଁ।
- ହେକ୍ଟର ପିଛା କେତେ ଗଛ ରହିବ ଓ କେତେ ଗଛ କଟାଯିବ ତାହା ଡି=୦.୫ଥ(ଜି/୧୦)+୧ଧ ପଦ୍ଧତି ଅନୁସାରେ ନିୟନ୍ତ୍ରିତ ହେବ। ଏଠାରେ 'ଡି' ହେଉଛି ପାତଳୀକରଣ ପରେ ଦୁଇ ଗଛ ମଧ୍ୟରେ ହାରାହାରି ଦୂରତ୍ୱ (ମିଟରରେ) ଏବଂ 'ଜି' ହେଉଛି ଗଛର ହାରାହାରି ଗୋଲେଇ ସେଣ୍ଟିମିଟରରେ।
- ଯେହେତୁ ପାତଳୀକରଣ ଚିହ୍ନଟ ପ୍ରକ୍ରିୟା ଅତି ସତର୍କତାର ସହ କରାଯାଏ (ସୂକ୍ଷ୍ମ ମସ୍ତିଷ୍କର କାର୍ଯ୍ୟ) ଏବଂ ଭଲ ବଢିବା ପାଇଁ ରହିଯାଇଥିବା ବୃକ୍ଷର ବୁଦା ସଫେଇ ଖୁଣ୍ଟାକଟା ଆବଶ୍ୟକତା ପୂରଣ କରେ ତେଣୁ ଏହି କାର୍ଯ୍ୟକ୍ରମ ବନାଞ୍ଚଳ ଅଧିକାରୀ ବା ତାଙ୍କଠାରୁ ବରିଷ୍ଠଙ୍କ ଦ୍ୱାରା ନିୟନ୍ତ୍ରିତ କାର୍ଯ୍ୟକ୍ରମଭାବେ କରାଯିବ।

## ଭିଏସଏସସ୍ତରରେ ପାତଳୀକରଣ-ନୀତି ଓ ଅଭ୍ୟାସ

୪. ପାତଳୀକରଣ ଏକ ସ୍ଥାନଭିତ୍ତିକ କାର୍ଯ୍ୟକ୍ରମ ଏବଂ ପ୍ରକଳ୍ପ କାର୍ଯ୍ୟକାରୀ ହେଉଥିବା ଅଞ୍ଚଳ ଅନୁସାରେ କରାଯିବ। ତାହା ମୁଖ୍ୟତଃ ତିନୋଟି ଶ୍ରେଣୀରେ ବିଭକ୍ତ କରାଯାଇପାରିବ।

- ରୁଟେଡ୍ ଓ୍ୱେଷ୍ଟରୁ ଶାଳ କପିସ୍ ଜଙ୍ଗଲ ଏବଂ ଶାଳ ପ୍ରାକୃତିକ ପୁନର୍ଜନନ ଜଙ୍ଗଲ
- ଅଳ୍ପ ବୟସ୍କ ଅଣ ଶାଳ ପୁନର୍ଜନନ ଅଞ୍ଚଳ
- କୃତ୍ରିମ ପୁନର୍ଜନନ-ଶାଗୁଆନ ଓ ମିଶାମିଶି ପ୍ରଜାତି ବୃକ୍ଷରୋପଣ

କ) ସ୍ଥାନୀୟ ଗୋଷ୍ଠୀର ଆବଶ୍ୟକତା ପୂରଣ କରିବା ଯୁଗ୍ମ ବନ ପରିଚାଳନାର ଲକ୍ଷ୍ୟ; ତାହା ହେଲା ଛୋଟ କାଠ, ଜାଳେଣୀ କାଠ। ତେଣୁ ଗଛ ମଧ କମ୍ ସମୟରେ କଟାଯିବ। ଛୋଟ ସାଇଜ୍‌ର କାଠ ପାଇଁ ପରିଚାଳନା ଲକ୍ଷ୍ୟ ରହୁଥିବାରୁ ମୁଖ୍ୟତଃ ୪୫ ସେ.ମିରୁ କମ୍ ଗୋଲେଇର କାଠ କାଟିବା ଉଚିତ। ତେବେ ଯେଉଁଠାରେ ସୁରକ୍ଷା ଦୃଷ୍ଟିରୁ ଭଲଭାବେ ବଢିଥିବା ଗଛର ଗୋଲେଇ ୪୫ ସେ.ମିରୁ ଅଧିକ ରହିଛି ସେଠାରେ ସେ ଗଛର ପାତଳୀକରଣ କାର୍ଯ୍ୟ ମଧ୍ୟ କରାଯାଇପାରିବ।

ଖ) ଭିଏସଏସ ଅଞ୍ଚଳରୁ ପାତଳୀକରଣ ଦ୍ୱାରା କେଉଁ ପ୍ରଜାତିର ଗଛ ହଟାଯିବ ତାହା ନିମ୍ନଲିଖିତ ତଥ୍ୟ ଉପରେ ନିର୍ଣ୍ଣୟ କରାଯିବ

- ଘରୋଇ ବ୍ୟବହାର ପାଇଁ ପ୍ରଜାତି-ଘର ତିଆରି, ଉପକରଣ ତିଆରି, ପଦାର୍ଥ ଓ ପଶୁଙ୍କ ପାଇଁ ଗୁହାଳ ଆଦି ତିଆରି
- ଜାଳେଣୀ କାଠ, ଏବଂ
- ବିକ୍ରି ଦ୍ୱାରା ଆୟ ହେଉଥିବା ପ୍ରଜାତି

ଗ) ସେହିପରିଭାବେ ବନ ବର୍ଦ୍ଧନ ଏବଂ ଭୂମି ଦୃଷ୍ଟିରୁ ନିମ୍ନଲିଖିତ ତଥ୍ୟ ନିଶ୍ଚିତଭାବେ ପାଳନ କରାଯିବ:

୧) ଅତି କମ୍‌ରେ ୧୦ଟି ମଧ୍ୟ ବୟସ୍କ ସୁସ୍ଥ ଶାଳ ଗଛ ମଞ୍ଜି ପ୍ରଦାନ ପାଇଁ ରଖାଯିବା ଆବଶ୍ୟକ।

୨) ଯେହେତୁ ଅଞ୍ଚଳ ଉପଚାର ନୀତି ଜୀବିକା ନିର୍ବାହ ବିକାଶ ଓ ରୋଜଗାରକ୍ଷମ କାର୍ଯ୍ୟକଳାପକୁ ସହଯୋଗ କରୁଛି, ଭବିଷ୍ୟତରେ ଶାଳ ସମେତ ଅନ୍ୟ ପ୍ରଜାତିର ସାମଞ୍ଜସ୍ୟର ଆବଶ୍ୟକତା ରହିଛି ଏବଂ ଯେଉଁଠାରେ ଉପଲବ୍ଧ ସେଠାରେ ଫଳ ପ୍ରଦାନକାରୀ ବୃକ୍ଷକୁ ଅଗ୍ରାଧିକାର ଦିଆଯିବ।

୫. ପାତଳୀକରଣ ପ୍ରଣାଳୀ: ସମସ୍ତ ଭିଏସଏସକୁ ପ୍ରଦାନ କରାଯାଇଥିବା ଓଏଫଏସଡିପିର ଭିଏସଏସ ପରିଚାଳନା ପୁସ୍ତିକାର ପାରା ୮ରେ ଏହି ପ୍ରଣାଳୀ ସମ୍ପର୍କରେ ଉଲ୍ଲେଖ କରାଯାଇଛି । ସଂଯୋଜନ-୨ ରେ ଜଙ୍ଗଲ ଅଭିବୃଦ୍ଧି ଏବଂ ପରିଚାଳନା ଅଧୀନରେ ବନ ବର୍ଦ୍ଧନ କାର୍ଯ୍ୟକ୍ରମ- ଗଛର ଅଦରକାରୀ ଡାଳ କାଟିବା ଏବଂ ପାତଳୀକରଣ କରିବା । ତେବେ ଅଧିକ ସ୍ପଷ୍ଟ କରିବା ଲକ୍ଷ୍ୟରେ ନୀତି ଓ ଅଭ୍ୟାସ କରାଯାଉଥିବା ନୀତିଗୁଡ଼ିକ ନିମ୍ନରେ ପ୍ରଦାନ କରାଯାଇଛି ।

୫.୧ ଶାଳ କପିସ୍ / ପ୍ରାକୃତିକ ପୁନର୍ଜନନ ଜଙ୍ଗଲରେ ପାତଳୀକରଣ

ସ୍ଥାନର ପରିସ୍ଥିତି ଅନୁସାରେ ଗଛ ବଢ଼ିବାକୁ ଆବଶ୍ୟକ ସ୍ଥାନ ସମ୍ପର୍କରେ ସାଧାରଣ ନୀତି କର୍ମ ଯୋଜନା (ୱର୍କିଂ ପ୍ଲାନ)ରେ ନିର୍ଦ୍ଦେଶିତ କରାଯାଇଛି, ଯାହାକି ଉପରେ ଉଲ୍ଲେଖ କରାଯାଇଛି । ଭିଏସଏସ ଅଞ୍ଚଳଗୁଡ଼ିକ ଯେକୌଣସି ଗୋଟିଏ ସ୍ତରରଅଞ୍ଚଳ(ସାଇଟ କ୍ୱାଲିଟି)ରେ ପଡ଼ୁଛି (ତୃତୀୟ/ଚତୁର୍ଥ କିମ୍ବା ଚତୁର୍ଥ) ତାହାକୁ କିପରି ସରଳଭାବେ ବ୍ୟବହାର କରାଯାଇପାରିବ ସେଥିପାଇଁ ତାହାକୁ ମେଟ୍ରିକ୍ ପଦ୍ଧତିରେ ପରିଣତ କରି ତଥ୍ୟ ନିମ୍ନରେ ପ୍ରଦାନ କରାଗଲା ।

**ଗଛର ହାରାହାରି ଗୋଲେଇ, ଦୁଇଟି ଗଛ ବା ଖମ୍ବ ମଧ୍ୟରେ ଦୂରତ୍ୱ ଏବଂ ହେକ୍ଟର ପିଛା ଗଛ ସଂଖ୍ୟା**

| ହାରାହାରି ଗୋଲେଇ (ସେ.ମି.ରେ) | ଅଞ୍ଚଳର ସ୍ତର ତୃତୀୟ/ଚତୁର୍ଥ | | ଅଞ୍ଚଳର ସ୍ତର ଚତୁର୍ଥ | |
|---|---|---|---|---|
| | ଦୂରତ୍ୱ (ମିଟରରେ) | ଚାରା/ହେକ୍ଟର ପିଛା | ଦୂରତ୍ୱ (ମିଟରରେ) | ଚାରା/ହେକ୍ଟର ପିଛା |
| ୨୪ | ୩.୫ | ୧୨୦୦ | ୩.୨ | ୧୧୪୦ |
| ୩୧.୫ | ୩.୬୬ | ୯୦୦ | ୩.୬ | ୮୭୦ |
| ୪୦ | ୩.୯୬ | ୭୩୦ | ୪.୧୧ | ୭୦୦ |
| ୪୭ | ୪.୨୭ | ୬୧୫ | ୪.୪ | ୫୮୦ |
| ୫୫.୦ | ୪.୭୨ | ୫୧୬ | ୪.୮୮ | ୪୭୨ |
| ୬୩ | ୫.୧୮ | ୪୩୭ | ୫.୪ | ୩୮୮ |

୫.୨ ପ୍ରାକୃତିକ ଅଣ ଶାଳ ଜଙ୍ଗଲରେ ପାତଳୀକରଣ

ଭିନ୍ନ ଭିନ୍ନ ସମୟରେ ଫୁଲ ଓ ଫଳ ଆସୁଥିବା ବହୁ ସଂଖ୍ୟକ ପ୍ରଜାତିର ମିଶ୍ରଣ ଯୋଗୁଁ ଚାରା ପାଇଁ କେଉଁ ସ୍ତରରେ କେତେ ସ୍ଥାନ ଆବଶ୍ୟକ ତାହା ସାଧାରଣ ଗାଣିତିକ ଉପାୟ ଦ୍ୱାରା ନିର୍ଦ୍ଦିଷ୍ଟଭାବେ କହିହେବ ନାହିଁ । ତେବେ କେତେ ପୋଲ (ଖମ୍ବ) ରହିଛି ତାହା ପର୍ଯ୍ୟାପ୍ତଭାବେ ଚେକ୍ କରିବା ପରେ ପାରା ୫.୧ରେ ଦର୍ଶାଯାଇଥିବା ନୀତି ଏଠାରେ ମଧ୍ୟ ଲାଗୁ କରାଯାଇପାରିବ ।

ମିଶ୍ରିତ ଉଦ୍ଭିଦ ସ୍ଥିତିରେ ପାତଳୀକରଣବେଳେ ଅଣ ଶାଳ ଗଛ ହଟାଇବାକୁ ଭିଏସଏସ କେତେକ ନିର୍ଦ୍ଦିଷ୍ଟ ବିଷୟ ବିଚାରକୁ ନେବ । ଜୀବିକା ନିର୍ବାହ ଓ ରୋଜଗାରକ୍ଷମ କାର୍ଯ୍ୟକଳାପକୁ ସହଯୋଗ କରିବା ଲକ୍ଷ୍ୟରେ ଭବିଷ୍ୟତର ଜଙ୍ଗଲ ପାଇଁ ଅନ୍ୟ ପ୍ରଜାତି ଅପେକ୍ଷା ଆବଶ୍ୟକ ପ୍ରଜାତିକୁ ବଞ୍ଚାଇ ରଖିବାକୁ ଅଗ୍ରାଧିକାର ଦିଆଯିବ । ପ୍ରାଥମିକ ବ୍ୟବହାର ଯେପରିକି ପଶୁଚାରା, ଔଷଧୀୟ ବ୍ୟବହାର, ମନୁଷ୍ୟ ଖାଦ୍ୟ, ଜାଳେଣୀ କାଠ, କାଠ, କୋଇଲା ଆଦିରେ ଉଦ୍ଭିଦର ବ୍ୟବହାର ଦେଖି ତାର ଗୁରୁତ୍ୱପୂର୍ଣ୍ଣ ମୂଲ୍ୟ ବାହାର କରାଯିବ । ଦ୍ୱିତୀୟ ସିଧାସଳଖ ଲାଭ ଯେପରିକି ତେଲ ଓ ତନ୍ତୁର ମସିଣା ତିଆରି, ଦଉଡି ଓ ପେଡି ଇତ୍ୟାଦି ଏବଂ ପରୋକ୍ଷ ଲାଭ ଯଥା ଛାଇ ଓ ଗୁଳ୍ମର ବାଡ, ମୃତ୍ତିକାର ସ୍ଥିରତା, ଯବକ୍ଷାରଜାନ ବିବନ୍ଧନରେ ଭୂମିକା ଆଦି । ତେଣୁ ଭିଏସଏସ ଦ୍ୱାରା ଜୈବ ବିବିଧତା

ଦୃଷ୍ଟିକୋଣରୁ ଓ ଜୀବିକାନିର୍ବାହ ମାନ ବୃଦ୍ଧି ଦୃଷ୍ଟିକୋଣରୁ ଏକ ନିର୍ଦ୍ଦିଷ୍ଟ ଜଙ୍ଗଲ ପ୍ରଜାତିକୁ ଦିଆଯାଇଥିବା ଗଛର ଗୁରୁତ୍ୱ ମୂଲ୍ୟ (ଟିଆଇଭି)ର ଧାରଣା ଅତି ମହତ୍ତ୍ୱପୂର୍ଣ୍ଣ।

ଗ୍ରୀଡ ପଦଯାତ୍ରା/ କିମ୍ବା ତା ପରେ ଭିଏସଏସ ଦଳ ବିଭିନ୍ନ ପ୍ରଜାତିର ଗୁରୁତ୍ୱ ଉପରେ ନିଷ୍ପତ୍ତି ନେବେ ଓ କେଉଁ ପ୍ରଜାତିକୁ ରଖାଯିବ ଓ କେଉଁ ପ୍ରଜାତିକୁ ପାତଳୀକରଣରେ ସାମିଲ କରାଯିବ ତାହା ମିଶ୍ରିତ ଜଙ୍ଗଲ ପରିସ୍ଥିତିରେ ନିର୍ଦ୍ଦେଶିତ କରାଯାଇଛି। ଉଦ୍ଭିଦ/ପ୍ରଜାତିର ଗୁରୁତ୍ୱ ଉପରେ ନିଷ୍ପତ୍ତି ନେବା ପାଇଁ ଏହି ନିର୍ଦ୍ଦେଶିକାର ଫର୍ମାଟ-୩ରେ ଦିଆଯାଇଥିବା ସାରଣୀ ମଧ୍ୟ ବ୍ୟବହାର କରାଯାଇପାରିବ।

୫.୩ ବ୍ଲକ୍ ବୃକ୍ଷରୋପଣ ଅଞ୍ଚଳରେ ପାତଳୀକରଣ

୫.୩.୧: ଶାଗୁଆନ ବୃକ୍ଷରୋପଣ ଅଞ୍ଚଳରେ

ସାଧାରଣତଃ ଶାଗୁଆନ ବୃକ୍ଷରୋପଣରେ କମ୍ ଖାଲିସ୍ଥାନ ଥାଏ। କିନ୍ତୁ ଯେଉଁଠାରେ ଗଛଗୁଡ଼ିକ ଭଲ ବଞ୍ଚିଥାଏ ଓ ଭଲ ବଢିଥାଏ, ପ୍ରାଥମିକ ପାତଳୀକରଣ କାର୍ଯ୍ୟ ଯନ୍ତ୍ରବତ(ମେକାନିକାଲି) କରାଯାଏ। ହଟାଇବାର ସହଜ ଫର୍ମୁଲା ହେଲା ଗୋଟିଏ ଛାଡ଼ି ଗୋଟିଏ ଗଛ କାଟିବା। ଏହା ଭିଏସଏସର ବ୍ଲକ୍ ବୃକ୍ଷରୋପଣର ଷଷ୍ଠ ଓ ଏକାଦଶ ବର୍ଷରେ କରାଯାଏ ଏବଂ ଯେଉଁଠାରେ ଗଛ ଡାହାଣ କିମ୍ବା ବାମ ପଟ ଧାଡ଼ିରେ ବଞ୍ଚି ନ ଥାଏ କିମ୍ବା ରୋଗଗ୍ରସ୍ତ ହୋଇଥାଏ / ମରିଯାଇଥାଏ/ ମରୁଥାଏ ସେହି ସ୍ଥିତିରେ ନ କାଟିବା ପାଇଁ ସତର୍କ କରାଇଦିଆଯାଏ।

୫.୩.୨: ମିଶାମିଶି ବୃକ୍ଷରୋପଣ-ଜାଳେଣୀ ଓ ଚାରା, ଅଣକାଷ୍ଠ ବନଜାତ ଦ୍ରବ୍ୟ

ଏଠାରେ ଶାଗୁଆନ ପରି ଯନ୍ତ୍ରବତ ପାତଳୀକରଣ କରାଯାଏ ନାହିଁ। ପଞ୍ଚମ ବର୍ଷ ଶେଷରେ ଓ ଦଶମ ବର୍ଷରେ ପାତଳୀକରଣ କରାଯାଇ ମୃତ ଏବଂ ରୋଗ ଯୋଗୁଁ ସମ୍ପୂର୍ଣ୍ଣ ଦବି ରହିଥିବା ଗଛକୁ କିମ୍ବା ମୋଡ଼ିମାଡ଼ି ହୋଇ ବଢିଥିବା ଗଛକୁ ହଟାଯାଏ। ଭିଏସଏସ ଦ୍ୱାରା ପ୍ରଜାତି ଅଗ୍ରାଧିକାର ୫.୨ ପଏଣ୍ଟରେ ବୁଝାଯାଇଥିବା ମତେ ରହିବା ସହ ପଏଣ୍ଟ ୪(୨)ରେ ବୃକ୍ଷର ମହତ୍ତ୍ୱ ମୂଲ୍ୟ ଅନୁସାରେ ହେବା ଉଚିତ।

ଦ୍ରଷ୍ଟବ୍ୟ: ଯବକ୍ଷାରଜାନ ବିବନ୍ଧନ କରୁଥିବା ବୃକ୍ଷ ପ୍ରଜାତି ଯଥା ଗ୍ଲିରିସିଡ଼ିଆ / ଛୋଟ ଚାକୁଣ୍ଡା / ସବାବୁଲକୁ ସବୁଜ ସାରଭାବେ ବ୍ୟବହାର କରାଯିବ ଏବଂ ସେଥିଯୋଗୁଁ ଯେଉଁଠାରେ ଏହି ଗଛ ଥିବ, ବ୍ୟାପକଭାବେ ତାହାର ଡାଳ ଓ ପତ୍ର କଟାଯାଇ ଚାଷ ଜମିରେ ଖତଭାବେ ବ୍ୟବହାର କରାଯିବ। ଯେଉଁ ପ୍ରଜାତି ଗୋଚାରା ପାଇଁ ବ୍ୟବହୃତ ହେଉଥିବ ସେଗୁଡ଼ିକର ଅଗ କଟାଯିବ, ଯାହାଦ୍ୱାରା ସେଥିରୁ ଅଧିକରୁ ଅଧିକ ଶାଖା ବାହାରିବ ଏବଂ ତାହାକୁ ନିୟମିତ ବ୍ୟବଧାନରେ ଅମଳ କରାଯାଇପାରିବ। ପ୍ରାକୃତିକ ପୁନର୍ଜନନ ଦ୍ୱାରା ଉଚ୍ଚ ଟିଆଇଭି(ବୃକ୍ଷର ଗୁରୁତ୍ୱ ମୂଲ୍ୟ) ପ୍ରଜାତି ବାହାରିପାରେ ଯଥା ଚନ୍ଦନ କାଠ/ହରିଡ଼ା/ବିଜା/ବାହାଡ଼ା ଆଦି।

୬. ଗଛ କାଟିବା କାର୍ଯ୍ୟପ୍ରଣାଳୀ

୬.୧: ଉପଚାର ଅଞ୍ଚଳ ଚିହ୍ନଟକରଣ (ଭିଏସଏସ କୁପ୍)

ବର୍ଷରେ ଯେଉଁ ଭିଏସଏସ କୁପ୍ ସହାୟକ ବନ ବର୍ଦ୍ଧନ କାର୍ଯ୍ୟ ପାଇଁ ଯୋଗ୍ୟ ଓ ପାଖ ଅଞ୍ଚଳ ଯେଉଁଠାରେ ପାତଳୀକରଣ କରାଯିବ ତାହା ଶୀତ ଋତୁରେ (ଅକ୍ଟୋବରରୁ ଡିସେମ୍ବର) ମଧ୍ୟରେ ଚିହ୍ନଟ ହେବା ଉଚିତ। ଅଳ୍ପ ଦୂରତ୍ୱରୁ ଦିଶୁଥିବା ପରି ୧ ଫୁଟ ଲେଖାଏଁ ପଥର ଗଦା (ଧଳା ଚୁନ ରଙ୍ଗରେ ରଙ୍ଗ କରି) ୧.୫ ମିଟର ଓସାରରେ ସୀମାରେଖା କରାଯିବ। ଚିହ୍ନଟକରଣ ଓ ଦୃଶ୍ୟମାନ ଲକ୍ଷ୍ୟରେ ହିଁ ଏହି ୧.୫ ମିଟର ଓସାର ପଡୁଥିବା ବୁଦାସବୁ ସୀମିତଭାବରେ କଟାଯିବ। କୌଣସି ପ୍ରକାର ଗଛ ଏହି ୧.୫ମିଟର ଅଞ୍ଚଳ ଅଲଗାଭାବେ କଟାଯିବ ନାହିଁ। ଅଲଗା ରହିଥିବା ଗଛଗୁଡ଼ିକୁ ପିଚୁ (ଅଲକାତରା) ର ଡବଲ ରିଙ୍ଗ ଦିଆଯିବ। ଭିଏସଏସ କୁପ୍ ମଧ୍ୟରେ ପାତଳୀକରଣ ଅଞ୍ଚଳକୁ ସମାନଭାବେ ଗଛ / ପୋଲରେ ଧଳା ଚୁନ ରଙ୍ଗରେ ରିଙ୍ଗ କରି ଚିହ୍ନଟ କରାଯିବ।

୬.୨: ଚିହ୍ନଟ ନିୟମ

- ଗଛ / ପୋଲ ଯାହା ହଟାଯିବ ତାହାକୁ ଉପରୋକ୍ତ ଧାରାରେ ଶାଳ ଓ ଅଣ ଶାଳ(ପାରା ୫.୧ ଅନୁସାରେ) ଏବଂ ଶାଗୁଆନ ବ୍ଲକ୍ ବୃକ୍ଷରୋପଣ ପାଇଁ (ପାରା ୫.୩.୧ ଅନୁସାରେ) ଅନ୍ୟାନ୍ୟ / ମିଶାମିଶି ପାଇଁ (୫.୩.୨ଅନୁସାରେ) ଚିହ୍ନଟ କରାଯିବ।
- କଟାଯିବାକୁ ଚିହ୍ନଟ ହୋଇଥିବା ଗଛଗୁଡିକରେ ଦୁଇଥର ଧଳା ଚୁନ ରଙ୍ଗ ଦିଆଯିବ- ଥରେ ଛାତି ଉଚ୍ଚରେ ଓ ଅନ୍ୟ ଥର ଯଥାସମ୍ଭବ ମାଟିକୁ ଲାଗି ଏବଂ କ୍ରମାନ୍ୱୟରେ ସଂଖ୍ୟା ଦିଆଯିବ।
- ରାସ୍ତାକଡର ୫୦ମିଟର ମଧ୍ୟରେ ଏବଂ ନଳା କୂଳର ଉଭୟ ପାର୍ଶ୍ୱରେ ଚିହ୍ନଟ କରାଯିବ ନାହିଁ। ଜଳ ଉତ୍ସ ଓ ଗେମ୍ ଟ୍ୟାଙ୍କର ୫୦ ମିଟର ବ୍ୟାସାର୍ଦ୍ଧରେ ଚିହ୍ନଟ କରାଯିବ ନାହିଁ।
- ଯେଉଁ ଗଛ ହଟାଗଲେ ଭୂମି ଉପରେ ଉଭୟ ଲମ୍ୱ ଓ ପ୍ରସ୍ଥରେ କ୍ୟାନୋପିରେ ୧୦୦ ଫୁଟର ବ୍ୟବଧାନ ହେବ ନାହିଁ କେବଳ ସେହି ଗଛଗୁଡିକୁ ଚିହ୍ନଟ କରାଯିବ।
- ଫଳ ଦେଉଥିବା ଗଛ ଯଥା ମହୁଲ, ଆମ୍ବ, ଅଁଳା, ଚାର, କେନ୍ଦୁ, ବାହାଡା, ହରିଡା ଓ ବେଲ ଆଦି ଗଛ କଟାଯିବା ପାଇଁ ଚିହ୍ନଟ ହେବ ନାହିଁ।
- ଗୋଷ୍ଠୀକୁ ଅଣକାଷ୍ଠ ବନଜାତ ଦ୍ରବ୍ୟର ମୂଲ୍ୟ ପ୍ରଦାନକାରୀ ଓହଳ ଭୂମିରୁ କଟାଯିବ ନାହିଁ ଯଦି ତାହା ବଞ୍ଚିଯାଉଥିବା ଗଛ/ ପୋଲର ଡାଳ ବୃଦ୍ଧିକୁ ପ୍ରଭାବିତ କରୁନାହିଁ କିମ୍ୱା ଡାଳରେ ଗୁଡେଇ ହେଉନାହିଁ।

୬.୩ ଚିହ୍ନଟ ଏବଂ ଗଛକଟା କାର୍ଯ୍ୟକାରିତା

- ଯେକୌଣସି ବାର୍ଷିକ କୁପ୍‌ରୁ ଗଛ କାଟିବା ଓ କାଢିବା ନଭେମ୍ବରରୁ ଡିସେମ୍ବର ମାସ ମଧ୍ୟରେ ଶେଷ ହେବ ଓ ଜାନୁୟାରୀ ମଧ୍ୟରେ ଭିଏସ୍‌ଏସ୍‌ର ଜଙ୍ଗଲରୁ ଗ୍ରାମକୁ ନିଆଯିବ। ଏହାବାଦ ଅନ୍ୟ କୌଣସି ମାସ / ସମୟ ଭିଏସଏସ ପାଇଁ କରଣୀୟ ନୁହେଁ।
- ପୁନର୍ଜନନରେ କ୍ଷତି ନ ପହଞ୍ଚିବା ପାଇଁ ଓ ରହିଥିବା ଗଛର ହାନି ନ ହେବା ପାଇଁ ଗଛ କଟାଯିବା ପୂର୍ବରୁ ଡାଳ କଟାଯିବ। ପାହାଡିଆ କୁପ୍‌ଗୁଡିକରେ ଗଛ କଟାଯିବା ପରେ ଉପରମୁଣ୍ଡ ଆଡକୁ ପକାଯିବ।
- କାଟିବା ପରେ ଯେପରି ଖୁଣ୍ଟା ନ ରହିବ ସେଥିପାଇଁ ଗଛଗୁଡିକ ଯଥାସମ୍ଭବ ମୂଳରୁ କଟାଯିବ।

# ସଂଯୋଜନ ୪: ମୃତ୍ତିକା ଜଳ ସଂରକ୍ଷଣ ପାଇଁ ନୀତି

ମୃତ୍ତିକା କ୍ଷୟ ଯୋଗୁଁ ଜଙ୍ଗଲ ଜମି ଅବକ୍ଷୟ ଏବଂ ଗରିବ ଲୋକଙ୍କ ଜୀବିକା ନିର୍ବାହ ଆହ୍ୱାନକୁ ମୁକାବିଲା କରିବା ପାଇଁ ଜଙ୍ଗଲରେ ଏବଂ ଆଖପାଖରେ ରହୁଥିବା ଲୋକଙ୍କୁ ନିରବଚ୍ଛିନ୍ନ ଜୀବିକା ନିର୍ବାହ ମାନ ଅଭିବୃଦ୍ଧି ସୁଯୋଗ ପ୍ରଦାନ କରି ସେମାନଙ୍କ ଜୀବନ ଶୈଳୀର ବିକାଶ କରିବା ତଥା ଜଙ୍ଗଲର ସଂରକ୍ଷଣ କରିବା ସହ ତାହାର ପ୍ରତିପାଳନକ୍ଷମ ପରିଚାଳନା କରିବା ପ୍ରକଳ୍ପର ଲକ୍ଷ୍ୟ। ବିଭିନ୍ନ ମୃତ୍ତିକା ଜଳ ସଂରକ୍ଷଣ କାର୍ଯ୍ୟକ୍ରମର ପ୍ରଭାବ ତାହାର ମନୋନୟନ ଓ ସ୍ଥାନଭିତ୍ତିରେ ଉପଯୁକ୍ତ ପଦକ୍ଷେପର କାର୍ଯ୍ୟକାରିତା ଉପରେ ନିର୍ଭର କରେ। ତେଣୁ, ଭିନ୍ନ ଭିନ୍ନ ସ୍ଥାନ ପାଇଁ ଭିନ୍ନ ଭିନ୍ନ ମୃତ୍ତିକା ଜଳ ସଂରକ୍ଷଣ ଉପଚାର ନିମ୍ନରେ ଦର୍ଶାଯାଇଛି। ଭିଏସଏସ ଅଞ୍ଚଳରେ ମୃତ୍ତିକା ଜଳ ସଂରକ୍ଷଣ କାର୍ଯ୍ୟକ୍ରମ ଯୋଜନା ଚିହ୍ନଟ ପ୍ରକ୍ରିୟାବେଳେ କାର୍ଯ୍ୟକାରୀ କରାଯିବ ଉଚିତ।

| କ୍ରମିକ ସଂଖ୍ୟା | ସଂରକ୍ଷଣ ପଦକ୍ଷେପର ନାମ | ଉପଯୁକ୍ତ ସ୍ଥାନ |
|---|---|---|
| ୧ | ସମପତନ ଖାଇ | • ଅଧିକ ପାଣି ଭିତରକୁ ଭେଦ କରିପାରୁଥିବା ମୃତ୍ତିକା ପାଇଁ<br>• କ୍ଷୟ ହୋଇଥିବା ଗଡାଣିଆ ଜମି ଯେଉଁଠାରେ ପୁନଃସବୁଜକରଣ ପାଇଁ ପ୍ରସ୍ତାବ ରହିଛି।<br>• ଗଡାଣିଆ ଭୂମିରେ ବୃକ୍ଷରୋପଣକୁ ସାହାଯ୍ୟ କରିବା ପାଇଁ<br>• ସ୍ୱଳ୍ପ ବୃଷ୍ଟିପାତ ଅଞ୍ଚଳ ପାଇଁ କ୍ରମାଗତ ସମପତନ ଖାଇ ଉପଯୁକ୍ତ ଓ ଅଧିକ ବୃଷ୍ଟିପାତ ଅଞ୍ଚଳ ପାଇଁ ସମପତନ ଷ୍ଟାଗାର୍ଡ ଖାଇ ଉପଯୁକ୍ତ।<br>• ନିର୍ଦ୍ଦିଷ୍ଟ ମାପ ଅନୁସାରେ ସମପତନ ପ୍ରସ୍ତୁତ କରାଯିବ<br>• ଖୋଳାଯାଇଥିବା ମାଟିକୁ ତଳ ପାଖକୁ ରଖାଯିବ କିମ୍ବା ପ୍ରତି ବୃକ୍ଷ ମୂଳରେ ଅର୍ଦ୍ଧ ବୃତ୍ତାକାର ବନ୍ଧ କରିବା ପାଇଁ ବ୍ୟବହାର କରାଯାଇପାରିବ।<br>• ପରବର୍ତ୍ତୀ ବର୍ଷ, ବର୍ଷା ଋତୁ ପୂର୍ବରୁ ଖାଇ ମଧ୍ୟରୁ ମାଟି କଢା କାର୍ଯ୍ୟ ନିହାତିଭାବେ କରାଯିବ।<br>• ଖାଇର କ୍ରସ ସେକ୍ସନ ଅଞ୍ଚଳ ୧୦୦୦ ବର୍ଗ ସେମିରୁ ୨୫୦୦ ବର୍ଗ ସେମି ଓ ଲମ୍ବ ୨ରୁ ୩ ମିଟର ପର୍ଯ୍ୟନ୍ତ ରହିଥାଏ।<br>• ପ୍ରତି ହେକ୍ଟରରେ ଅତି କମ୍‌ରେ ୪୦୦ ଖାଇ କରାଯାଇପାରିବ। |
| ୨ | ସମପତନ ପଥର ବନ୍ଧ | • ଯେଉଁ ଅଞ୍ଚଳରେ ପ୍ରଚୁର ପଥର ମିଳୁଥିବ ଏବଂ ମୃତ୍ତିକା ଅଗଭୀର ହୋଇଥିବ ସେଠାରେ ଏପରି ବନ୍ଧ ପସନ୍ଦଯୋଗ୍ୟ।<br>• ଯେଉଁ ଅଞ୍ଚଳ ଗଡାଣିଆ ଓ ବନ୍ଧ୍ୟା ଭୂମି ହୋଇଥିବ। |
| ୩ | ଡାଳପତ୍ର ଚେକ୍ ବନ୍ଧ (ବ୍ରସଉଡ୍) | • ଜଳ ଧାରାର ପ୍ରଥମ ସ୍ଥାନରେ ଓ ଯେଉଁଠାରେ ନାଳ ଆରମ୍ଭ ହେଉଥିବ ସେଠାରେ ଏହା ନିର୍ମାଣ କରାଯିବ।<br>• ଯେଉଁଠାରେ ନାଳର ଗଭୀରତା ୧.୨ ମିଟରରୁ ୨.୧ ମିଟର ମଧ୍ୟରେ ରହିଥିବ ଓ ଓସାର ୬ ମିଟରରୁ କମ୍ ଥିବ। |

| | | |
|---|---|---|
| | | • ଯେଉଁଠାରେ ସ୍ୱତଃ ଗଜା ହେଉଥିବା ଗଣ୍ଡିଡାଳ ତ୍ୱରିତଭାବେ ଉପଲବ୍ଧ ହେଉଥିବ।<br>• ଉଭୟ ପାର୍ଶ୍ୱରେ ମଜବୁତ ମୁଳଦୂଆ କରାଯିବା ଉଚିତ। |
| ୪ | ପଥର ପ୍ରତିରୋଧ ବନ୍ଧ(ଏଲବିସିଡି) | • ଯେଉଁଠାରେ ଭଲ ସାଇଜ୍‌ର ପଥର ମିଳୁଥିବ<br>• ପ୍ରଥମ ଅର୍ଡର/ଦ୍ୱିତୀୟ ଅର୍ଡର ନାଳର ଉପର ଅଞ୍ଚଳ ଓ ମଧ୍ୟାଞ୍ଚଳରେ ସାଧାରଣତଃ ଏହା ନିର୍ମାଣ କରାଯାଏ।<br>• ଯେଉଁଠାରେ ନାଳର ଓସାର ସଂକୀର୍ଣ୍ଣ ହୋଇଥାଏ।<br>• ମୁଖ୍ୟ ବନ୍ଧ(ୱାଲ)ର ସର୍ବାଧିକ ଉଚ୍ଚତା ୧ରୁ ୧.୨ ମିଟର ମଧ୍ୟରେ ହୋଇଥିବାବେଳେ ଏହା ନାଳର ଉଚ୍ଚତାଠାରୁ ଅଧିକ ହେବା ଉଚିତ ନୁହେଁ।<br>• ଉଭୟ ପାର୍ଶ୍ୱରେ ମଜବୁତ କରାଯିବା ଉଚିତ।<br>• ଭଲ ଦୃଢତା ପାଇଁ ଏବଂ ଘର୍ଷଣକୁ ଏଡେଇବା ପାଇଁ ଉପଯୁକ୍ତ ଡି/ଏସ ଏବଂ ୟୁ/ଏସ ରକ୍ଷା କରାଯିବ ଉଚିତ। |
| ୫. | ମାଟି ବନ୍ଧ | • ପାହାଡ ଉପର ଅଞ୍ଚଳରେ ଯେଉଁଠାରେ ଜଳଧାରଣ ପାଇଁ ସୁଯୋଗ ରହିଛି।<br>• ଯେଉଁଠାରେ ସେତୁବନ୍ଧ ପାଇଁ ଉପଯୁକ୍ତ ମାଟି ଉପଲବ୍ଧ।<br>• ଯେଉଁଠାରେ ନାଳର ଗଭୀରତା ୨ ମିଟରରୁ କମ୍।<br>• ନାଳର ଶଯ୍ୟା ୧୦% ରୁ କମ୍ ଗଡାଣିଆ।<br>• ଉଛୁଳା ପାଣି ନିର୍ଗମନ ପାଇଁ ଯେଉଁ ସ୍ଥାନରେ ସୁବିଧା ଥିବ। |
| ୬. | କାଠଗଣ୍ଡି ଚେକ୍ ବନ୍ଧ | • ଉପର ଓ ମଧ୍ୟାଞ୍ଚଳରେ ପ୍ରଥମ ଅର୍ଡର ଝରଣାରେ କରିବା ପାଇଁ ସାଧାରଣତଃ ଅନୁମୋଦନ କରାଯାଏ।<br>• ଡାଳପତ୍ର ଚେକ୍ ବନ୍ଧ ସହ ଏହା ସମାନ ମାତ୍ର ଏହାକୁ କାଠଗଣ୍ଡି ଦ୍ୱାରା ପୂରଣ କରାଯାଏ।<br>• ଯେଉଁଠାରେ ନାଳ ଅଞ୍ଚଳ ପାଖରେ ବଡଧରଣର କାଠ ସର୍ବଦା ବହୁ ପରିମାଣରେ ଉପଲବ୍ଧ। |
| ୭. | ଗାବିଅନ ଚେକ୍ ବନ୍ଧ | • ମଧ୍ୟମ ଓ ତଳୁଆ ଅଞ୍ଚଳରେ ନାଳ ନିୟନ୍ତ୍ରଣ କିମ୍ବା ଧୋଡା ବନ୍ଧାଇବା ପାଇଁ ଏହି ଢାଞ୍ଚା ଉପଯୁକ୍ତ।<br>• ପୋଖରୀ ନ ହୋଇ ମାଟି ଗଦା ହେବା ଓ ଧୋଇ ହୋଇଯାଉଥିବା ମାଟିଗୋଡିକୁ ଧରି ରଖିବା ପାଇଁ ଦ୍ୱିତୀୟ ଓ ତୃତୀୟ ଅର୍ଡର ଝରଣାରେ ନିର୍ମାଣ କରାଯାଏ।<br>• ଯେଉଁଠାରେ ସ୍ଥିର, କଠିନ ଓ ଗଭୀର ଢାଞ୍ଚା ନ ଥାଏ।<br>• ଯେଉଁଠାରେ ମୃତ୍ତିକା ବୋହିଯାଉଥାଏ ଏବଂ ଅସମାନ କିମ୍ବା ସାମାନ୍ୟ ସେଟଲମେଣ୍ଟ/ ପ୍ରଶମନ ହେଉଥାଏ। |

| | | |
|---|---|---|
| | | • ଯେଉଁଠାରେ ପଥର ଚେକ୍ ବନ୍ଧ ସମ୍ଭବ ହୁଏ ନାହିଁ ଏବଂ ମିସ୍ତ୍ରୀ ଦ୍ୱାରା ନିର୍ମାଣ ଖର୍ଚ୍ଚବହୁଳ ହୁଏ।<br>• ଯେଉଁଠାରେ ବ୍ୟାପକ ଜଳ ଅମଳ କରିବା ବିନା ନିର୍ଗମନ ନାଳରେ କେବଳ ସ୍ଥିରତା ରକ୍ଷା କରିବା ଲକ୍ଷ୍ୟ ଥାଏ ସେଠାରେ ଗାବିଅନ ଡ୍ରପ୍ ନିର୍ମାଣ ଅନୁମୋଦନ କରାଯାଏ। ନିର୍ମାଣ ପାଇଁ ଯେଉଁଠାରେ ସ୍ଥିର ଚଟାଣ ଉପଲବ୍ଧ ନୁହେଁ ସେଠାରେ ମଧ୍ୟ ଏହା କାମ କରିବ। |
| ୮. | ସ୍ଥାୟୀ ଧୋଡା ନିୟନ୍ତ୍ରଣ ଢାଞ୍ଚା (ଡ୍ରପ୍ ଉଚ୍ଛୁଳା ପାଣି ପାଇଁ ନାଳ) | • ଯେଉଁଠାରେ ବହୁତ ଅଧିକ ବର୍ଷାଜଳ ନିଷ୍କାସିତ ହେଉଥାଏ ଏବଂ ଅନ୍ୟ ଡାଳ କାଠ ବା ପଥର ବନ୍ଧ କାମ କରେ ନାହିଁ।<br>• ମୁଖ୍ୟତଃ ତଳୁଆ ଅଞ୍ଚଳରେ ମଧ୍ୟମରୁ ବଡ ନାଳ ଯେଉଁଥିରେ ଅଧିକ ଜଳ ବହିଯାଏ ସେଠାରେ ସ୍ଥାୟୀ ଧୋଡା ନିୟନ୍ତ୍ରଣ ଢାଞ୍ଚା ବ୍ୟବହୃତ ହୁଏ।<br>• ସାଧାରଣତଃ ନାଳମୁଣ୍ଡ ତୀଖ ଥାଏ ଏବଂ ଅତୀବ ଗଭୀର ଥାଏ। ଏପରି ସ୍ଥାନଗୁଡିକରେ ଯଦି ନାଳ ମୁଣ୍ଡରୁ ପତନ ୩ରୁ ୪ ମିଟରରେ ସୀମିତ ରୁହେ ତେବେ ସେଠାରେ ନାଳ ମୁଣ୍ଡକୁ ନିୟନ୍ତ୍ରଣ ପାଇଁ ଡ୍ରପ୍ ଢାଞ୍ଚା ଅନୁମୋଦନ କରାଯାଏ। ଯଦି ପତନ ୩ ବା ୪ ମିଟରରୁ ଅଧିକ ହୁଏ ଓ ନାଳମୁଣ୍ଡର ଉପର ଧାରାରେ ଜଳ ପରିବନ୍ଧତା ନ ଥାଏ ତେବେ ସେଠାରେ ଚୁଟ୍ ସ୍ପିଲ୍ ୱେ ଅନୁମୋଦନ କରାଯାଏ।<br>• ଡ୍ରପ୍ ନିର୍ମାଣ ପାଇଁ ସାଧାରଣତଃ ସ୍ଥିର କମ୍ ଓସାରିଆ ସେକ୍ସନ ସାମାନ୍ୟ ଉଚ୍ଚଧାରା ଶଯ୍ୟା ସହିତ ଏବଂ ପ୍ରଶସ୍ତ ଓସାର ଗ୍ରହଣଯୋଗ୍ୟ।<br>• ସେହି ସ୍ଥାନରେ ସମ୍ଭବତଃ ସଳଖ ସେକ୍ସନ ସହିତ ଅତିକମ୍‌ରେ ନିର୍ମାଣର ୩୦ ମିଟର ମଧ୍ୟରେ ଉଚ୍ଚଧାରା କିମ୍ବା ନିମ୍ନଧାରା ଅଙ୍କା ବାଙ୍କ ହୋଇ ନ ଥିବ।<br>• ମଧ୍ୟ ନାଳ ବନ୍ଧ (ସ୍ପିଲୱେ)ର ଏପରିଭାବେ ସ୍ଥାନିତ ହୋଇଥିବ, ଯେପରି ତାହାର ମଧ୍ୟରେଖା ନିର୍ଗମନ ନଳାରେ ପ୍ରବାହିତ ଜଳର ମଧ୍ୟରେଖା ସହ ସମାନ୍ତରାଳଭାବେ ରହୁଥିବ।<br>• ସେହି ମନୋନୀତ ସ୍ଥାନରେ ଉଚ୍ଛୁଳା ପାଣି ପାଇଁ ନାଳକୁ ପର୍ଯ୍ୟାପ୍ତ ଚଟାଣ ମିଳୁଥିବ।<br>• ମନୋନୀତ ସ୍ଥାନରେ ବନ୍ଧଗୁଡିକ ଯଥେଷ୍ଟ ଉଚ୍ଚ ହୋଇଥିବା ଆବଶ୍ୟକ ଯାହାଫଳରେ ନିର୍ମାଣ ଉପରେ ସର୍ବାଧିକ ଗଭୀର ପ୍ରବାହକୁ ଧାରଣ କରିପାରୁଥିବ। ନଚେତ ଆଖପାଖ ଜମି ଓ ସମ୍ପତ୍ତିରେ ବନ୍ୟାଜଳ ମାଡିବା ପରି ପରସ୍ଥିତି ସୃଷ୍ଟି ହେବ।<br>• ନିର୍ମାଣର ନିକଟବର୍ତ୍ତୀ ଉଚ୍ଚଧାରାରେ କୌଣସି ତୀବ୍ର ଜଳ ପ୍ରବାହ ନଥିବ କିମ୍ବା ଚାନେଲକୁ ନିକଟବର୍ତ୍ତୀ ଅଞ୍ଚଳରୁ ଜଳ ପ୍ରବାହ ହେଉ ନ ଥିବ। ନତୁବା, ଜଳ ପାଇଁ କୌଣସି ବିକଳ୍ପ ମାର୍ଗ ନିର୍ମାଣସ୍ଥଳୀର ପାଖ ଉଚ୍ଚଧାରାରେ କରଣୀୟ ନୁହେଁ, କାରଣ ତାହା ନିର୍ମାଣକୁ କ୍ଷତି ପହଞ୍ଚାଇବ।<br>• ରାସ୍ତା, ରେଳଧାରଣା, ପାଇପଲାଇନ ଏବଂ ଅନ୍ୟ ନିର୍ମାଣ ଯାହା ଚେକ୍ ବନ୍ଧକୁ ପ୍ରଭାବିତ କରିବ ବା ବନ୍ଧ ଦ୍ୱାରା ପ୍ରଭାବିତ ନ ହେବ, ସେଥିପ୍ରତି ଧ୍ୟାନ ଦେବାକୁ ହେବ। |

# ସୂଚୀ


୧. ପ୍ରଚ୍ଛଦ ପ୍ରସଙ୍ଗ

୨. ଆନୁଷ୍ଠାନିକ ବ୍ୟବସ୍ଥା

୩. ଗ୍ରୀଡ ପଦଯାତ୍ରା/କାର୍ଯ୍ୟକ୍ରମ ପାଇଁ ଯୋଜନା

୪. ଗ୍ରୀଡ ମୂଲ୍ୟାୟନ ପରିଚାଳନା

୫. ସ୍ଥାନୀୟ ପରିବେଶ ଜ୍ଞାନ ଜଙ୍ଗଲ ପ୍ରଜାତି ସମ୍ପର୍କରେ ଦଲିଲକରଣ

୬. ଜଳ ମୃତ୍ତିକା ସଂରକ୍ଷଣ ଉପଚାର/ପାତଳୀକରଣ ପାଇଁ ଗ୍ରୀଡ ମନୋନୟନ

୭. ମଧ୍ୟବର୍ତ୍ତୀ ବୃକ୍ଷରୋପଣ ପାଇଁ ବୃକ୍ଷ ପ୍ରଜାତି ମନୋନୟନ